## ଛାତ୍ରୀଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ନରସିଂହପୁର ଗ୍ରାମର ଅନ୍ତର୍ଯ୍ୟାମୀ ଜେନା(୨୧)। ପୋଲିସ ମାମଲା(ନଂ.୮୮୪/୨୧) ରୁଜୁ କରିଛି। ପ୍ରକାଶ ଯେ, ଗତ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଗା ପୂଜା ଦେଖିବାକୁ ଯାଇ ନାବାଳିକା ଛାତ୍ରୀ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ମୟୂରଭଞ୍ଜରେ ସର୍ବାଧିକ ମାମଲା

**ବଳାତ୍କାର,ନାରୀ ନିର୍ଯ୍ୟାତନା**

**ଥାନାରେ ଖାଲି ପଡ଼ିଛି ପଦବୀ**

ବାରିପଦା ଅଫିସ, ୧୭।୧୦

ରାଜ୍ୟର ସର୍ବବୃହତ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ଦିନକୁ ଦିନ ବଢ଼ି ଚାଲିଛି ନାରୀ ନିର୍ଯାତନା । ଗଣବଳାତ୍କାର, ନାବାଳିକା ବଳାତ୍କାର, ବଧୂ ନିର୍ଯାତନା ଭଳି ବହୁ ଲଜ୍ଜାଜନକ ଘଟଣା ଘଟୁଛି। ୩ବର୍ଷର ଶିଶୁଙ୍କଠାରୁ ଆରମ୍ଭ କରି ୫୦ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ଏହାର ଶିକାର ହେଉଥିବା ନଜିର ରହିଛି। ଫଳରେ ଜିଲାରେ ନାରୀ ସୁରକ୍ଷା ଉଦ୍‌ବେଗଜନକ ହୋଇପଡ଼ିଛି। ବିଗତ ୩ବର୍ଷ ମଧ୍ୟରେ ଜିଲାରେ ମହିଳାଙ୍କୁ ହତ୍ୟା ଓ ବଳାତ୍କାର ଘଟଣାରେ ରୁଜୁ ହୋଇଥିବା ମାମଲା ରାଜ୍ୟର ଅନ୍ୟ ଜିଲା ତୁଳନାରେ ସର୍ବାଧିକ। ସେହିପରି ବଧୂ ନିର୍ଯାତନା ମାମଲା ମଧ୍ୟ ଜିଲାରେ ଚିନ୍ତାଜନକ ହୋଇଛି। ସଚେତନତା ଅଭାବ ଏବଂ ଅନ୍ଧବିଶ୍ୱାସ କାରଣରୁ ଜିଲାରେ ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶୁକ୍ରବାର ବୈଶିଙ୍ଗା ଥାନା ଅଧୀନ କଳମା ଛକ ନିକଟ ଜଙ୍ଗଲରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଓ ରରୁଆଁ ଥାନା ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଜଣେ ମହିଳାଙ୍କୁ ୨ ଯୁବକ ଗଣ ବଳାତ୍କାର କରିବା ଘଟଣାରୁ ଜିଲାର ନାରୀ ସମାଜ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ।

ମୟୂରଭଞ୍ଜ ଜିଲାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ। ୨୦୧୧ ଜନଗଣନା ଅନୁଯାୟୀ ଜିଲାରେ ମହିଳାଙ୍କ ସଂଖ୍ୟା ୧୨ଲକ୍ଷ ୬୩ହଜାର ୫୨୫ଥିବା ବେଳେ ପୁରୁଷଙ୍କ ସଂଖ୍ୟା ୧୨ଲକ୍ଷ ୫୬ହଜାର ୭୩୮ ରହିଛି । ଜିଲାବାସୀଙ୍କ ନିମନ୍ତେ ୩୨ଟି ଥାନା ରହିଥିବା ବେଳେ ମହିଳାଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଥାନାରେ ଶିଶୁ ଓ ମହିଳା ଡେସ୍କ କାର୍ଯ୍ୟ କରୁଛି । ଥାନାଗୁଡ଼ିକରେ ବହୁ ପଦବୀ ଫାଙ୍କା ପଡ଼ିଥିବାରୁ ଜିଲାରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ମାମଲାରେ ଅଙ୍କୁଶ ଲାଗି ପାରୁନି। ଗତ ସେପ୍ଟେମ୍ବର ୬ ବିଧାନସଭା ଅଧିବେଶନରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଣତାରକା ପ୍ରଶ୍ନ ୫୩୨ନଂ.ର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ୨୦୧୯, ୨୦୨୦ ଓ ୨୦୨୧ର ଜୁନ ମାସ ପର୍ଯ୍ୟନ୍ତ ମୟୂରଭଞ୍ଜରେ ବଳାତ୍କାର ମାମଲା ଯଥାକ୍ରମେ ୨୦୩, ୨୫୮ ଓ ୧୪୫ଟି ଥିବା ବେଳେ ତନ୍ମଧ୍ୟରୁ ନାବାଳିକା ବଳାତ୍କାର ମାମଲା ଯଥାକ୍ରମେ ୧୧୭, ୧୦୨ ଓ ୭୩ଟି ରହିଛି । ସେହିପରି ମହିଳାଙ୍କୁ ହତ୍ୟା ମାମଲା ଯଥାକ୍ରମେ ୮୬, ୧୦୪ ଓ ୫୭ଟି ଥିବା ବେଳେ ସେଥି ମଧ୍ୟରୁ ଯୌତୁକ ଜନିତ ହତ୍ୟା ମାମଲା ଯଥାକ୍ରମେ ୫, ୭ ଓ ୬ଟି ରହିଛି । ଅନ୍ୟପକ୍ଷେ ଯୌତୁକ ଜନିତ ନାରୀ ନିର୍ଯାତନା ମାମଲା ଯଥାକ୍ରମେ ୧୬୭, ୧୯୭ ଓ ୧୪୯ଟି ଥିବା ବେଳେ ବିଭିନ୍ନ କାରଣରୁ ନାରୀ ନିର୍ଯାତନା ନେଇ ଯଥାକ୍ରମେ ୧୬୨, ୨୯୪ ଓ ୧୮୫ଟି ମାମଲା ରୁଜୁ ହୋଇଛି। ଗତ ୬ ମାସର ବଳାତ୍କାର ମାମଲା ହିସାବକୁ ନେଲେ ବର୍ଷ ଶେଷରେ ଏହା ବୃଦ୍ଧି ପାଇ ୩ଶହ ପାଖାପାଖି ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଚଳିତ ବର୍ଷ ମହିଳା ଚାଲାଣ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ୨୦୧୯ରେ ୪ଟି ଓ ୨୦୨୦ରେ ୫ଟି ମାମଲା ରୁଜୁ ହୋଇଥିଲା। ସରକାର ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଥିଲେ ହେଁ ଦିନକୁ ଦିନ ନାରୀ ନିର୍ଯାତନା ବୃଦ୍ଧି ପାଇବା ବାସ୍ତବିକ ଚିନ୍ତାର ବିଷୟ ପାଲଟିଛି । ପ୍ରତି ବର୍ଷ ଏହି ଘଟଣା ବୃଦ୍ଧି ପାଉଥିବା ବେଳେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଗତ ବର୍ଷରେ 'ପରୀ' କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ଘଟଣାକୁ ପ୍ରଶମିତ କରାଯାଇଥିଲା ।

ଏ ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିଛନ୍ତି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଆଦିବାସୀ ମହିଳାମାନେ ଏହାର ବେଶୀ ଶିକାର ହେଉଛନ୍ତି । ଜିଲାରେ ମଦର ବନ୍ୟା ସୃଷ୍ଟି ହେଉଥିବା ବେଳେ ବେକାର ଯୁବକମାନେ ନିଶା ସେବନ କରି ଏଭଳି ଅପରାଧମାନ ଘଟାଉଛନ୍ତି । ମଦ କାରବାରକୁ ରୋକିବା ସହିତ ବେକାରୀ ସମସ୍ୟା ଦୂର କରିବାକୁ ସେ ଦାବି କରିଛନ୍ତି । ସେହିପରି କଂଗ୍ରେସ ଜିଲା ସଭାପତି ହେମନ୍ତ ଦାସ କୁହନ୍ତି, ନାରୀ ସୁରକ୍ଷା ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପ୍ରତିଦିନ ଜିଲାରେ ନାରୀଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି। ଜିଲାର ରରୁଆଁ ଓ ବୈଶିଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଗଣବଳାତ୍କାର ଘଟଣା ଏହାର ସଦ୍ୟତମ ଉଦାହରଣ ବୋଲି ସେ କହିଛନ୍ତି। ଥାନାଗୁଡ଼ିକରେ ଆବଶ୍ୟକ ପଦବୀ ଖାଲି ପଡ଼ିଥିବା ବେଳେ ଅପରାଧ ନିୟନ୍ତ୍ରଣ ପାଇଁ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଅଧିକାରୀ ନିଯୁକ୍ତି ଓ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସେ ଦାବି କରିଛନ୍ତି ।

## ସଂକ୍ଷେପରେ

### ଛାତରୁ ଖସି ଯୁବକଙ୍କ ଜୀବନ ଗଲା

କୁଆମରା,୧୭।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ବଜାର ସ୍ଥିତ ଏକ ଦୋକାନରେ ସିଲିଂ କାମ କରୁଥିବା ବେଳେ ଅସାବଧାନତା ବଶତଃ ତଳକୁ ଖସି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସୁରୁକୁନା ଗ୍ରାମର ମନୋରଞ୍ଜନ ବେହେରା। ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନା ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୬/୨୧) ରୁଜୁ ହୋଇଛି।

### ସେମିଫାଇନାଲରେ କଟକ କେବିସି

ବନ୍ତ,୧୭।୧୦(ସ୍ୱ.ପ୍ର.)
ଭଦ୍ରକ ଜିଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ରାଉତରାପୁର ଖେଳପଡ଼ିଆରେ ସୁବର୍ଣ୍ଣେଶ୍ୱର ଯୁଥ କ୍ଲବ ଆନୁକୂଲ୍ୟରେ ୫ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ମୁଖ୍ୟବକ୍ତା ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ଲବର ଉପଦେଷ୍ଟା ଅଶୋକ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଶିଳ୍ପୋଦ୍ୟୋଗୀ ଅଶୋକ ରାଉତ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଚିତ୍ତରଞ୍ଜନ ଉଦ୍‌ଗାତା, ଅଶୋକ ଯେନା, କ୍ଲବ ସଭାପତି ସଂଗ୍ରାମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମୋଟ ୩୨ ଦଳ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ୮ ଦଳ ମଧ୍ୟରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଭଦ୍ରକ ବିଏସ୍‌ଏସ୍‌କୁ ହରାଇ କଟକ କେବିସି ସେମିଫାଇନାଲକୁ ଉନ୍ନୀତ ହୋଇଛି। ରେଫରୀ ଭାବେ ମାନସ ବିଶ୍ୱାଳ, ଶ୍ୟାମସୁନ୍ଦର ବାସ୍କେ, ରାମଚନ୍ଦ୍ର ବେହେରା ଓ ସାଇଜ୍ୟୋତି ବେହେରା, ସ୍କୋରର ଭାବେ ଚିନ୍ମୟ ମଲ୍ଲିକ, ବିଜୟ ଦାସ, ଜୟଦେବ ମଲ୍ଲିକ, ବାପି ଧଳ ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ମଜୁମଦାର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ବିପିନ ଖଟୁଆ, ସହ ସମ୍ପାଦକ ସନ୍ତୋଷ ପରିଡ଼ା, ଶୁଭଜ୍ୟୋତି ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### 'ନୂତନ ପିଢ଼ିଙ୍କ ଆଗମନ ସାହିତ୍ୟ ପାଇଁ ଶୁଭ ସଙ୍କେତ'

ଭଣ୍ଡାରିପୋଖରୀ,୧୭।୧୦(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ଶାରଦୀୟ ଆସର ଓ କବିତା ପାଠୋତ୍ସବ ଶାରଦା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି କବି ନଟବର ରାଉଳ ନୂତନ ପିଢ଼ିଙ୍କ ଆଗମନ ସାହିତ୍ୟ ପାଇଁ ଶୁଭ ସଙ୍କେତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭଣ୍ଡାରିପୋଖରୀ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଭରତ ଚନ୍ଦ୍ର କରଣ, ଅନ୍ୟତମ ଅତିଥି ଭାବେ ଶାରଦା ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା କବି ପୁରୁଷୋତ୍ତମ ଧଳ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପବନ ନାୟକ ଅତିଥି ପରିଚୟ ପ୍ରଦାନ ଓ ରାଜେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କବି ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ଅନସୂୟା ସାହୁ, କେଶବ ଚନ୍ଦ୍ର ସେଠୀ, ମୁରଲୀଧର ଦାସ, ବିଶ୍ୱ ରଞ୍ଜନ ଷେଣ୍ଡେ, ପୁରୁଷୋତ୍ତମ ଧଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦିଲୀପ ଜେନା, କେଶବ ସେଠୀ ଓ ରାଘବ ଜେନା ପରିଚାଳନା କରିଥିଲେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ: ବଡ଼ ନୂଆଗାଁ ଚାମ୍ପିୟନ

ପାଟଣା,୧୭।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ଖମୁଆଁ ଗାଁ ଠାକୁରାଣୀ ଶାଳ ଖେଳ ପଡ଼ିଆରେ ୯ମ ବଢେଇଶୁଣି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବଡ଼ ନୂଆଗାଁ ଏକାଦଶ ପେନାଲଟି କିକ୍‌ରେ ୨ ଗୋଲ ଦେଇ ଚାମ୍ପିୟନ ହୋଇଥିବା ବେଳେ ହରିଡ଼ାଗୋଠ ଏକାଦଶ ରନର୍ସଅପ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପାଇଦା, ପ୍ରେମଚାନ୍ଦ ପୃଷ୍ଟି,, ସତ୍ୟାନନ୍ଦ ବେହେରା, ପଞ୍ଚାନନ ଦେହୁରୀ, ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## 'ଆଇ ଲଭ୍ ଟିଲୋ' ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ



ଆଇ ଲଭ୍ ଟିଲୋ ସେଲ୍‌ଫି ପଏଣ୍ଟ ଉଦ୍‌ଘାଟନ ଅବସରରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଏସ୍‌ପି ଚରଣ ସିଂ ମୀନା ଓ ଅନ୍ୟମାନେ।

ବନ୍ତ,୧୭।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋଠାରେ ପୂର୍ବତନ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ରବିବାର ରମେଶ ସାର୍ ସ୍ମୃତି ସଂସଦ ଓ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ 'ଆଇ ଲଭ୍ ଟିଲୋ' ସେଲ୍‌ଫି ପଏଣ୍ଟ ଉଦ୍‌ଘାଟିତ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଓ ମୁଖ୍ୟଅତିଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇ ଆୟୋଜିତ ମେଗା ରକ୍ତଦାନ ଶିବିର ଓ ସେଲ୍‌ଫି ପଏଣ୍ଟକୁ ଉଦ୍‌ଘାଟନ କରିଥିଲେ। ସ୍ମୃତି ସଂସଦ ସଭାପତି ମନମୋହନ ସାହୁଙ୍କ ସଭାପତିତ୍ୱ, ଗୀତା ଇଞ୍ଜିନିୟରିଂ କଲେଜ ଅଧକ୍ଷ ଡ.ମନ୍ମଥ ରାଉଳଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ, ମୁଖ୍ୟଅତିଥିଙ୍କ ସମେତ ମୁଖ୍ୟବକ୍ତା ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିଲେ। ୧୨ ବିଦ୍ୟାଳୟର କୃତୀ ପ୍ରତିଯୋଗୀ ସମେତ ଟିଲୋ ହାଇସ୍କୁଲର ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅତିଥିଙ୍କ ସହ ବ୍ଲଡ୍‌ବ୍ୟାଙ୍କର ଡାକ୍ତର ବିମଳା ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମାୟାଧର ପାତ୍ର, ଦାଶରଥି ପାଣିଗ୍ରାହୀ, ପଦ୍ମଲୋଚନ ଧଳ, ପ୍ରାଣୀ ଚିକିତ୍ସକ ନିରାକର ଜେନା, ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ଗଙ୍ଗାଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ନିହାରିକା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ରଘୁନାଥ ଚଣ୍ଡ, ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ରେଞ୍ଜ୍ ପଦବୀ ଖାଲି

**ଖୁବ୍‌ଶୀଘ୍ର ପୂରଣ ହେବ : ଡିଏଫ୍‌ଓ**

କେନ୍ଦୁଝର, ୧୭।୧୦ (ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡର ଖଣିଖାଦାନ ସମୃଦ୍ଧ ବଡବିଲ ଓ ଚମ୍ପୁଆ ରେଞ୍ଜ୍‌ରେ ରେଞ୍ଜ୍ ଅଧିକାରୀ ନ ଥିବାରୁ ଖଣି ଓ ଜଙ୍ଗଲର ସୁରକ୍ଷା ହୋଇ ପାରୁନାହିଁ। ଦୀର୍ଘ ମାସେ ହେଲା ଏହି ପଦ ଖାଲି ପଡିଥିବା ବେଳେ ଚମ୍ପୁଆ ରେଞ୍ଜ୍ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍, ବଡବିଲ ରେଞ୍ଜ୍‌ର ଅତିରକ୍ତ ଦାୟିତ୍ୱରେ ଥିବାରୁ କାମ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରକାଶ ଯେ, ଝାଡ଼ଖଣ୍ଡ ସୀମାକୁ ଲାଗିଥିବା ବଡ଼ବିଲ ଓ ଚମ୍ପୁଆ ରେଞ୍ଜ ଅଞ୍ଚଳରେ ଖଣି, କାଠ ଚୋରି ସାଧାରଣ ଘଟଣାରେ ପରିଣତ ହୋଇଛି। ଏହାର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଆସୁଛି। ଏହି ଅଞ୍ଚଳରେ ବର୍ଷତମାମ ଝାଡ଼ଖଣ୍ଡ ହାତୀଙ୍କ ଉପଦ୍ରବ ଏବଂ ଧନଜୀବନ ହାନି ଘଟୁଛି। ହାତୀମାନଙ୍କ ଚଳପ୍ରଚଳ, ହାତୀ ମୃତ୍ୟୁ ଓ ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁ ବନ ବିଭାଗ ପାଇଁ ଚିନ୍ତାଜନକ ରହିଛି। ବିସ୍ତୃତ ଜଙ୍ଗଲ ଭରପୁର ଏହି ଦୁଇ ରେଞ୍ଜ ଅଞ୍ଚଳରୁ ବର୍ଷକ ମଧ୍ୟରେ ଧରପଗଡ଼ କରାଯାଇ ବ୍ୟାପକ ଚୋରାକାଠ, ଖଣିଜପଥର ଗାଡ଼ି ଜବତ ସହ ମାଫିଆ ଗିରଫ ହୋଇଥିଲେ। କିନ୍ତୁ କିଛି ମାସ ହେଲା ଧରପଗଡ଼ ଆଗଭଳି ହେଉ ନ ଥିବାରୁ ଅଞ୍ଚଳବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଜଣେ ଡେପୁଟି ରେଞ୍ଜର ହାତରେ ଦୁଇଟି ରେଞ୍ଜ୍ ଦାୟିତ୍ୱ ଆଦୌ ସୁବିଧା ଜନକ ନୁହେଁ। ତୁରନ୍ତ ରେଞ୍ଜ୍ ଅଧିକାରୀ ନିଯୁକ୍ତି କରିବା ସହ ଦୀର୍ଘ ବର୍ଷ ଧରି ରହିଥିବା କର୍ମଚାରୀଙ୍କୁ ଅଦଳ ବଦଳ ଏବଂ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ପରିବେଶବିତ୍ ଦାବି କରିଛନ୍ତି। ଉପଯୁକ୍ତ ତଦାରଖ ହୋଇପାରୁ ନ ଥିବାରୁ ମାଫିଆମାନେ ସୁବିଧାରେ ଜଙ୍ଗଲ ମଧ୍ୟରେ ଖଣିଖନନ କରି ପଡୋଶୀ ରାଜ୍ୟକୁ ଚାଲାଣ କରିବାରେ ଲାଗିଛନ୍ତି। ଫଳରେ ସରକାରଙ୍କ ଶହ ଶହ କୋଟି ଟଙ୍କା କ୍ଷତି ହେବା ସହ ଜଙ୍ଗଲ ନଷ୍ଟ ହେଉଛି। ଏନେଇ କେନ୍ଦୁଝର ବନଖଣ୍ଡ ଡିଏଫଓ ଧମଧର ଧନରାଜ ହନୁମତଙ୍କୁ ପଚାରିବାରୁ ତୁରନ୍ତ ନୂତନ ନିଯୁକ୍ତି ଦେବାକୁ ସେ ବିଭାଗକୁ ଚିଠି ଲେଖିଛନ୍ତି, ଖୁବ୍‌ଶୀଘ୍ର ଉକ୍ତ ଦୁଇ ପଦବୀ ପୂରଣ ହେବ ବୋଲି କହିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଛୁଆବର୍ଗ ମୋର୍ଚ୍ଚାର ଦାବିପତ୍ର

ବାରିପଦା ଅଫିସ,୧୭।୧୦

ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ୩ ଦଫା ଦାବି ନେଇ ମୟୂରଭଞ୍ଜ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜାତିଭିତ୍ତିକ ଜନଗଣନା, କୃଷି ଆଇନ ପ୍ରତ୍ୟାହାର ଓ ଇଭିଏମ୍ ସହ ସଂଯୁକ୍ତଥିବା ପେପର ଟ୍ରେଲ ମେଶିନରୁ ବାହାରିଥିବା ସ୍ଲିପଗୁଡ଼ିକର ଶତ ପ୍ରତିଶତ ମେଳ ବା ବାଲାଟ ପେପର ସହ ନିର୍ବାଚନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ସରୋଜ ମହାନ୍ତଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଜିଲା ସଭାପତି ରାଜୁରାମ ସୋରେନ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ରାଜ୍ୟ ସଭାପତି ମୋହନ ବାସ୍କେ, ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘ ଜିଲା ସଭାପତି କରମଜିତ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଟୋକନରେ ମିଳିବ କୋଭିଡ୍ ଟିକା

ଚମ୍ପୁଆ, ୧୭।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ପୂର୍ବରୁ କରୋନା ଟିକା ନେବା ପାଇଁ ଟୋକନ ଓ ଲାଇନ ବ୍ୟବସ୍ଥା ରହିଛି। ତେବେ ସୋମବାରଠାରୁ ବିନା ଟୋକନରେ ଟିକା ପ୍ରଦାନ କରାଯିବ ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ପୂର୍ବରୁ ଅଫଲାଇନ ମାଧ୍ୟମରେ ଲୋକେ ଟିକା ନେବାକୁ ସକାଳୁ ଟୋକନ ପାଇଁ ଲମ୍ବାଲାଇନ ଲଗାଉଥିଲେ। ଟୋକନ ପାଉ ନ ଥିବା ଲୋକଙ୍କୁ ନିରାଶ ହୋଇ ଫେରିବାକୁ ପଡୁଥିଲା। ସୋମବାରଠାରୁ ଏହି ବ୍ୟବସ୍ଥା ହଟାଇ ଦିଆଯାଇଥିବା ବେଳେ ସକାଳ ୮ଟାରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ଟିକା ପ୍ରଦାନ କରାଯିବ ବୋଲି ଚିକିତ୍ସାଧିକାରୀ ସାହୁ କହିଛନ୍ତି।

## ୧୮୭ ୟୁନିଟ ରକ୍ତ ସଂଗ୍ରହ

ପାଟଣା, ୧୭।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ସାହାରପଡ଼ା ବ୍ଲକ ଖଜିରାପାଟ ପଞ୍ଚାୟତ ରାମଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ବରିଷ୍ଠ ନେତା ଆଶିଷ ଚକ୍ରବର୍ତ୍ତୀ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ପ୍ରଦୀପ ସାହୁ, ଜିଲା ଯୁବ ବିଜେଡି ସଭାପତି ରାକେଶ ରାମ ପ୍ରମୁଖ ଯୋଗ ଦେଇଥିଲେ। ୧୮୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବ୍ଲଡ଼ ବ୍ୟାଙ୍କ ଟେକ୍ନିସିଆନ ଅକ୍ଷୟ ସାହୁ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା ଅଫିସ,୧୭।୧୦

ମୟୂରଭଞ୍ଜ ଜିଲା କୁଳିଅଣା ତହସିଲଦାରଙ୍କ ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନା ପୋଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ୱାର୍ଡ ନଂ.୧୯ ରଘୁନାଥପୁର ଅଞ୍ଚଳର ଉତ୍ପଳ କୁମାର ଦେ। ସୂଚନା ଅନୁଯାୟୀ, କୁଳିଅଣା ତହସିଲ ଅଞ୍ଚଳରୁ ଟ୍ରାକ୍ଟର ନଂ. ଓଡି–୧୧ଡି–୧୪୦୭ରେ ବାଲି ବୋଝେଇ ହୋଇ ଯାଉଥିଲା। ବାରିପଦା ରାଜସ୍ୱ ନୀରିକ୍ଷକ–୩ର ଅଧିକାରୀ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଥିବା ଟ୍ରାନଜିଟ ପାସର ଅବଧି ସକାଳ ୭ଟା ପର୍ଯ୍ୟନ୍ତ ଥିବା ବେଳେ ଦିନ ୧ଟା୩୦ମିନିଟରେ ମଧ୍ୟ ଏହାକୁ ବ୍ୟବହାର କରାଯାଉଥିଲା। ତେବେ ଘଟଣାସ୍ଥଳରେ ଟ୍ରାକ୍ଟର ମାଲିକ ପହଞ୍ଚି ଅଧିକାରୀଙ୍କୁ ନାଲି ଆଖି ଦେଖାଇବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତହସିଲଦାରଙ୍କ ଚିଠି ନଂ.୩୪୯୭କୁ ଭିତ୍ତି କରି ପୋଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ନିଆଁରେ ଚାଲିଲେ ଶ୍ରଦ୍ଧାଳୁ

ପାଟଣା,୧୭।୧୦(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଦା ଗ୍ରାମରେ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ଭିନ୍ନ ଢଙ୍ଗରେ ପାଳିତ ହୋଇଛି। ଏହି ଉତ୍ସବକୁ ଆଦିବାସୀ ସମ୍ପ୍ରଦାୟ ଲୋକେ ବେଶ ନିରାଡମ୍ବର ଭାବେ ପାଳିଛନ୍ତି। ଶନିବାର ଭସାଣି ଉତ୍ସବରେ ପୂଜକ କାଳନ୍ଦୀ ନାୟକ ନୀତିକାନ୍ତିରେ ପୂଜାର୍ଚ୍ଚନା କରିବାପରେ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଆଦିବାସୀ ମାନେ ପାରମ୍ପାରିକ ନାଚଗୀତ କରି ରଡ ନିଆଁରେ ଚାଲିବା ସହ ମାନସିକ ଧାରୀ ମାନେ କଣ୍ଟା ପିଢ଼ାରେ ବସି କୌଶଳ ପ୍ରଦର୍ଶନ କରିଥିଲେ। କାଳିସୀ ଭାବେ ଭାଗିରଥି ନାଏକ, ପ୍ରଭାକର ନାୟକ ଓ ଅଖିଳ ନାୟକ ପ୍ରମୁଖ ସାମିଲ ଥିଲେ।

## ଜିଲା ଖବରଦାତା ସଂଘର ବୈଠକ

ବାଙ୍ଗିରିପୋଷି,୧୭।୧୦(ଡି.ଏନ.ଏ.)

ବାଙ୍ଗିରିପୋଷି ସ୍ଥିତ ଖଇରୀ ରିସୋର୍ଟଠାରେ ମୟୂରଭଞ୍ଜ ଜିଲା ଖବରଦାତା ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରୁଣ ଓତା ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ନଭେମ୍ବର ୨୧ରେ ବାରିପଦାଠାରେ ଜିଲାସ୍ତରୀୟ ଖବରଦାତା ସମାବେଶ ହେବ ବୋଲି ସହମତି ପ୍ରକାଶ ପାଇଥିଲା। ସମ୍ପାଦକ ସଞ୍ଜୟ ଅଗ୍ରୱାଲ ବିବରଣୀ ପାଠ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମାଣିକଲାଲ ପାଣି, ଚନ୍ଦ୍ର କୁମାର ଲଲିତେନ୍ଦୁ ଦାସ, ପ୍ରଶାନ୍ତ ଦାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ଭାଜପା ଜିଲା ସଭାପତି

ଭଦ୍ରକ ଅଫିସ, ୧୭।୧୦–ଭାଜପାର ଭଦ୍ରକ ଜିଲା ସଭାପତି ହେମନ୍ତ କୁମାର ପାତ୍ରୀ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟରେ ଭେଟିଛନ୍ତି। ଜିଲାରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ ପାଇଁ ପଦକ୍ଷେପ ସହ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା ଓ ଭଦ୍ରକ–ଧାମରା ପାସେଞ୍ଜର ଟ୍ରେନ୍ ଚଳାଚଳ ନିମନ୍ତେ ସେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି। ଯାହା ସମ୍ଭବ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଥାଉକି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ବହୁ ପୁରାତନ ହୋଇଥିବାରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି।

## ଜାତୀୟ ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ରଶ୍ମିରଞ୍ଜନ

ବନ୍ତ,୧୭।୧୦(ଡି.ଏନ.ଏ.)

ପିଲାଟି ବେଳୁ ପାଠପଢ଼ା ସହ ଖେଳକୁଦରେ ସମୟ ବିତାଉଥିଲେ। ୩ୟ ଶ୍ରେଣୀରେ ପଢୁଥିବା ବେଳେ ଟେନିସ୍ କ୍ରିକେଟ ଖେଳିବା ଶିଖିଥିଲେ। ଗାଁରେ ସାଙ୍ଗ ପିଲାମାନଙ୍କ ସହ ଖେଳୁ ଖେଳୁ ପଞ୍ଚାୟତ ଟିମ୍‌ରେ ଯୋଗଦେଲେ। ପଞ୍ଚାୟତ ଟିମ୍ ପକ୍ଷରୁ ବିଭିନ୍ନ ଜିଲାରେ ଖେଳି ସଫଳତା ଅର୍ଜନ କରିଥିଲେ। ଉନ୍ନତମାନର ଖେଳ ପ୍ରଦର୍ଶନ ଆଜି ତାଙ୍କୁ ଜିଲାରୁ ରାଜ୍ୟ ଦଳରେ ପହଞ୍ଚାଇ ପାରିଛି। ଏହି କ୍ରୀଡ଼ାବିତ୍ ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଡତୀରା ଗ୍ରାମର ରଶ୍ମି ରଞ୍ଜନ ସେନାପତି (୨୩)। ଗତ ସେପ୍ଟେମ୍ବର ୨୩ରୁ ଚଳିତ ମାସ ୫ ମଧ୍ୟରେ ବାଲେଶ୍ୱର ଜିଲା ସୋରଠାରେ ରାଜ୍ୟ ଟେନିସ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବରିଷ୍ଠ ରାଜ୍ୟ ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍ ଟୁର୍ଣ୍ଣାମେଣ୍ଟରେ ଜିଲାର ୧୩ଜଣିଆ ଟିମ୍‌ରେ ଅଧିନାୟକ ରଶ୍ମି ରଞ୍ଜନ ନେତୃତ୍ୱ ନେଇ ରାଜ୍ୟ ଦଳକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୯ରୁ ୨୩ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ମଥୁରାଠାରେ ହେବାକୁ ଥିବା ୬ଷ୍ଠ ବରିଷ୍ଠ ଜାତୀୟ ଟେନିସ୍ କ୍ରିକେଟ ଚାମ୍ପିୟନଶିପ୍ ଟୁର୍ଣ୍ଣାମେଣ୍ଟରେ ସେ ରାଜ୍ୟ ଟିମ୍‌ରେ ଖେଳିବେ। ଜିଲାରୁ ଏପର୍ଯ୍ୟନ୍ତ କୌଣସି ଟେନିସ୍ କ୍ରିକେଟ ଖେଳାଳି ରାଜ୍ୟ ସ୍ତରକୁ ମନୋନୀତ ହୋଇ ନ ଥିବା ବେଳେ ରଶ୍ମିରଞ୍ଜନ ପ୍ରଥମ ଟେନିସ୍ କ୍ରିକେଟର ଭାବେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି।




ରଶ୍ମିରଞ୍ଜନ ସେନାପତି।

## ଦିବ୍ୟାଙ୍ଗଙ୍କ ଭ୍ରାମ୍ୟମାଣ ଦୋକାନ

- ଦୁର୍ଘଟଣାରେ ହରାଇଛନ୍ତି ଗୋଟିଏ ଗୋଡ଼
- ତଥାପି ହାର୍ ମାନିନାହାନ୍ତି

ଭଦ୍ରକ ଅଫିସ,୧୭।୧୦



ଦୋକାନରେ ଚନ୍ଦନ ସିଂ।

୨୦ ବର୍ଷ ତଳେ ଏକ ଦୁର୍ଘଟଣାରେ ଡାହାଣ ଗୋଡ଼ ହରାଇ ବସିଥିଲେ। ଆଉ ସେହି ଦୁର୍ଘଟଣା ପରଠାରୁ ବଦଳିଗଲା ତାଙ୍କ ଜୀବନର ମୋଡ଼। ତଥାପି ସେ ହାର୍ ମାନି ନାହାନ୍ତି। ବଞ୍ଚିବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଏକ ଭ୍ରାମ୍ୟମାଣ ଦୋକାନ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ଭଦ୍ରକ ପୌରପାଳିକା ଅଧୀନ ବଡ଼ଶଙ୍କରପୁର ଗାଁର ଚନ୍ଦନ ସିଂ (୪୦)। ଦୃଢ଼ ମନୋବଳ, ଆତ୍ମବିଶ୍ୱାସ ଓ ସରଳ ବ୍ୟବହାର ଯୋଗୁ ସେ ସମସ୍ତଙ୍କର ପ୍ରିୟ ହୋଇଥିବା ବେଳେ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି।

ଚନ୍ଦନଙ୍କ ଦୋକାନ କହିଲେ କେବଳ ଖଣ୍ଡିଏ କାଠବକ୍ସ। ସାଇକେଲରେ ଏହି ବାକ୍ସକୁ ରଖି ଗୋଟିଏ ଗୋଡ଼ରେ ଚଲାଇ ଭ୍ରାମ୍ୟମାଣ ଦୋକାନ ଚଳାଇଛନ୍ତି। ସେ ଭଦ୍ରକ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଦୋକାନରେ ବସିବା ସହ ବଜାରର ବିଭିନ୍ନ ସ୍ଥାନ ବୁଲି ପାନ ବିକ୍ରି କରନ୍ତି। ପୂର୍ବାହ୍ନ ୧୦ଟା ପୂର୍ବରୁ ଦୋକାନ ଖୋଲି ଅପରାହ୍ନ ୪ଟାରେ ବନ୍ଦ କରି ଦିଅନ୍ତି। ଭଦ୍ରକର ମୁଖ୍ୟ ବଜାର, ମାଛମାର୍କେଟ, ଓଟି ମାର୍କେଟରେ ବୁଲି ବୁଲି ପାନ ଭାଙ୍ଗି ଗ୍ରାହକଙ୍କୁ ଯୋଗାଇ ଦିଅନ୍ତି। ଆଉ ତାଙ୍କ ହାତଭଙ୍ଗା ପାନର ସ୍ୱାଦ ନିଆରା। ଏଥିଲାଗି ଅନ୍ୟ ଦୋକାନୀମାନେ ମଧ୍ୟ ତାଙ୍କଠାରୁ ପାନ କିଣି ଖାଇବାକୁ ଅପେକ୍ଷା କରିଥାନ୍ତି। ଚନ୍ଦନ କହନ୍ତି, ଏହି ଦୋକାନ ହିଁ ତାଙ୍କ ପରିବାର ଚଳାଇବାର ମୁଖ୍ୟ ମାଧ୍ୟମ। ସରକାରୀ ସ୍ତରରେ ସେ ଦିବ୍ୟାଙ୍ଗ ଭତ୍ତା ପାଉଛନ୍ତି। ଏହି ଭତ୍ତା ବ୍ୟତୀତ ପାନ ଦୋକାନରୁ ହେଉଥିବା ରୋଜଗାରରେ ସେ ଦୁଇଝିଅ ଓ ଗୋଟିଏ ପୁଅଙ୍କୁ ପାଠ ପଢ଼ାଇ ମଣିଷ କରିବାକୁ ଉଦ୍ୟମ ଚଳାଇଛନ୍ତି। ଦିବ୍ୟାଙ୍ଗମାନେ ନିଜକୁ ଅକ୍ଷମ ନ ଭାବି ସକ୍ଷମ ଭାବିବା ଉଚିତ୍। ଅସହାୟତା ପାଖରେ ହାର୍ ନ ମାନି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ବାଉଁଶଗଡିଆରେ ଟିକାକରଣ

ଖଇରା,(ଡି.ଏନ.ଏ.): ଖଇରା ବ୍ଲକର ପ୍ରଥମ ପଞ୍ଚାୟତ ଭାବେ ବାଉଁଶଗଡିଆରେ ଶନିବାର ପଞ୍ଚାୟତସ୍ତରୀୟ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳମଚୁଆ ପ୍ରାଥମିକ ବିଦ୍ୟାଳୟରେ ଡାକ୍ତରୀ ଟିମ୍ ଉପସ୍ଥିତ ରହି ୧୮ବର୍ଷରୁ ଊର୍ଦ୍ଧ୍ୱ ୫୪୨ଜଣ ଲୋକଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବିଷ୍ଣୁପଦ ଘଡେଇ, ପ୍ରଧାନଶିକ୍ଷକ ସନ୍ତୋଷ ଦକ୍ଷିଣରାୟଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।



### ସଂକ୍ଷେପରେ

## ବିଜୟା ଦଶମୀରେ ବିଜୟ ଦୌଡ଼

ସଜନାଗଡ଼, ୧୭।୧୦(ଡି.ଏନ.ଏ.)- ସାର୍ବଜନୀନ ଦୁର୍ଗାପୂଜା ତଥା ବିଜୟାଦଶମୀରେ ଆୟୋଜନ କରାଯାଇଥିଲା ବିଜୟ ଦୌଡ଼। ସମସ୍ତଙ୍କ ସୁସ୍ଥତା କାମନା କରି ସଚେତନତା ଉଦ୍ଦେଶ୍ୟରେ ଶୁକ୍ରବାର ଏକ ମାରାଥନ୍ ଦୌଡ ଆୟୋଜନ କରାଯାଇଥିଲା। ବାଙ୍ଗାଲୋରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଜିଲା ସେରଗଡ଼ ଅଞ୍ଚଳର ପ୍ରଦୀପ ସେନାପତି ନାମକ ଯୁବକଙ୍କ ପ୍ରୟାସରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଦେହ, ମନର ୧୦ଟି ରୋଗ ଉପରେ ବିଜୟପ୍ରାପ୍ତି କରିବାକୁ ହେଲେ ଦୈନିକ ମାତ୍ର ୪୫ ମିନିଟ୍ ବ୍ୟାୟାମର ଆବଶ୍ୟକତା ରହିଛି। ତେଣୁ ସେନାପତି, ତାଙ୍କର ପରିବାର ସଦସ୍ୟ ଓ ଅଞ୍ଚଳବାସୀ ସେରଗଡ଼ଠାରୁ ସକାଳ ସାଢେ ୫ଟାରେ ବାହାରିଥିଲେ। ୯୦ଜଣ ଲୋକ ଏଥିରେ ସାମିଲ ହୋଇ ୪୩ କିଲୋମିଟର ପର୍ଯ୍ୟନ୍ତ ଦୌଡିଥିଲେ। ଏହି ମାରାଥନ ନୀଳଗିରି, ମିତ୍ରପୁର, ରେମୁଣା, ଜାତୀୟ ରାଜପଥ ଦେଇ ପୁଣି ସେରଗଡ଼ଠାରେ ପହଞ୍ଚିଥିଲା।

## 'କଲାମଙ୍କ ଜୀବନଶୈଳୀ ପ୍ରେରଣାଦାୟୀ'

ବାଲେଶ୍ୱର ଅଫିସ, ୧୭।୧୦-ବାଲେଶ୍ୱର ସହରସ୍ଥିତ ଡ୍ରିମସ୍ ଆଇଡିଆଲ ରେସିଡେନ୍ସିଆଲ ସ୍କୁଲ ତରଫରୁ ଡ. ଏପିଜେ ଅବଦୁଲ କଲାମଙ୍କ ୯୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାପୀଠ କର୍ମଚାରୀମାନେ ଶୋଭାଯାତ୍ରାରେ ଯାଇ ଷ୍ଟେଶନ ଛକସ୍ଥିତ ଡ. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ଯୁଗପୁରୁଷ ଡ. କଲାମଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଡ. କଲାମଙ୍କ ବାଲେଶ୍ୱରକୁ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ଜିଲା ପରିଷଦ ସଭାପତି ଗୀରିଶ ଚନ୍ଦ୍ର ଦାଶ ଯୋଗଦେଇ ଡ. କଲାମଙ୍କ ସରଳ ଜୀବନଯାପନ ଶୈଳୀକୁ ଯୁବପିଢ଼ି ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାପୀଠ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ଅଧକ୍ଷା ଶ୍ରୀମତୀ ପୁଷ୍ପିତ ମହାନ୍ତି, ରେହାନା ବେଗମ୍, ଦେବାଶ୍ରୀ ଗିରି, ରାଧାକୃଷ୍ଣ ମଲ୍ଲିକ, ପ୍ରଜ୍ଞା ପାରମିତା ବାରିକ, ତନିସା ସାହୁ ଓ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସୁଶାନ୍ତ ବେରା ସଦର ବ୍ଲକ ଏମ୍‌ପି ପ୍ରତିନିଧି

ବାଲେଶ୍ୱର ଅଫିସ, ୧୭।୧୦-ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଦର ବ୍ଲକ ପାଇଁ ବହାବଳପୁର ନିବାସୀ ସୁଶାନ୍ତ କୁମାର ବେରାଙ୍କୁ ନିଜର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ବେରା ଏବେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ସଦର ବିଡ଼ିଓଙ୍କୁ ଏକ ପତ୍ର ମାଧମରେ ଏମ୍‌ପି ଷଡ଼ଙ୍ଗୀ ଜଣାଇଛନ୍ତି।

# ୪୧୩ ଗାଁ ପ୍ରଭାବିତ, ୧୦୭୩୯ ହେକ୍ଟର ଚାଷ ନଷ୍ଟ

### ଲଘୁଚାଜନିତ କ୍ଷତି ରିପୋର୍ଟ ଦେଲା ଜିଲା ପ୍ରଶାସନ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ଜିଲାରେ ଗତ ସେପ୍ଟେମ୍ବରରେ ହୋଇଥିବା ଦୁଇଟି ଲଘୁଚାପଜନିତ ବର୍ଷା ଓ ବନ୍ୟାରେ ୩୦କୋଟିର କ୍ଷୟକ୍ଷତି ହୋଇଥିବା ନେଇ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ବନ୍ୟା ଆସି ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ରେମୁଣା, ସଦର ଓ ନୀଳଗିରି (୭ଟି ବ୍ଲକ)ରେ ବ୍ୟାପକ କ୍ଷତି ହୋଇଛି।

ଉକ୍ତ ୭ଟି ବ୍ଲକର ବହୁ ଗାଁରେ ନଦୀ ପାଣି ପଶିବା ସହ ଚାଷ ନଷ୍ଟ ହୋଇଥିଲା। ଜିଲା ପ୍ରଶାସନ ଆକଳନ ଅନୁଯାୟୀ ଜିଲାର ୮୮ଟି ପଞ୍ଚାୟତ ୪୧୩ ଗାଁର ୨ଲକ୍ଷ ୮୯ହଜାର ୯୬ଜଣ ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ୭୧୯ଟି ଚାଳଛପର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୭୨୮ଟି କଚ୍ଚା ଘର ଭାଙ୍ଗିଛି। ନଷ୍ଟ ହୋଇଥିବା ଚାଳ ଓ କଚ୍ଚାଘରର ଆକଳନ ମୂଲ୍ୟ ୨କୋଟି ୮ଲକ୍ଷ ୨୪ହଜାର ବୋଲି ଦର୍ଶାଯାଇଛି। ଘର ଭାଙ୍ଗି ଯାଇଥିବାରୁ କିଏ ପଲିଥିନ୍ ତଳେ ତ ଆଉ କିଏ ପଡ଼ୋଶୀଙ୍କ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ସେମାନଙ୍କୁ ତୁରନ୍ତ ଆବାସ ଯୋଗାଇ ଦେବାର ଆବଶ୍ୟକତା ରହିଛି। ବନ୍ୟାରେ କାହାର ମୃତ୍ୟୁ ହୋଇ ନ ଥିବାବେଳେ ୪ଟି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ପଞ୍ଚାୟତରେ ୯୯୨ କି.ମି. ରାସ୍ତା ନଷ୍ଟ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯାଉଥିବା ୧୯.୬୭ କି.ମି. ଗାଁ ରାସ୍ତା ଓ କୋଠାଘର କ୍ଷତିଗ୍ରସ୍ତ ହୋଇଛି। ୯୩.୫୫ କି.ମି. ଡ୍ରେନେଜ ନଷ୍ଟ ହୋଇଥିବା ବେଳେ ୪୭୨ ୟୁନିଟ୍ ବିଦ୍ୟୁତ ବିଭାଗର କ୍ଷତି ହୋଇଛି। ବନ୍ୟା ପାଣି ପଶି ଜିଲାରେ ମୋଟ ୧୦ହଜାର ୭୩୯ ହେକ୍ଟର ଚାଷ ନଷ୍ଟ ହୋଇଛି। ବନ୍ୟା ସମୟରେ ବିଭିନ୍ନ ସ୍ଥାନରେ ୩୬ଟି ନିରାପଦ କେନ୍ଦ୍ର ଖୋଲାଯାଇଥିଲା। ଏସବୁ କେନ୍ଦ୍ରରେ ୩ହଜାର ୨୨୪ ଜଣ ଆଶ୍ରୟ ନେଇଥିଲେ। ୧ହଜାର ୫୫୨ ପରିବାରକୁ ପଲିଥିନ୍ ଦିଆଯାଇଥିବା ନେଇ ପ୍ରଶାସନ ରିପୋର୍ଟରେ ଦର୍ଶାଯାଇଛି। କ୍ଷୟକ୍ଷତି ଅର୍ଥରାଶି ଆସିଲେ କ୍ଷତିଗ୍ରସ୍ତଙ୍କ ପାଖରେ ତୁରନ୍ତ ପହଞ୍ଚାଇବାର ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।



ଚାଷ ଜମିରେ ମାଡ଼ି ଯାଇଥିବା ବନ୍ୟା ପାଣି। (ଫାଇଲ୍ ଫଟୋ)

## ଆଇନ ସଚେତନତା କାର୍ଯ୍ୟକ୍ରମ

ବାହାନଗା/ରେମୁଣା, ୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶେରଗଡ ରାମମନ୍ଦିର ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଜାଦି କା ଅମୃତ ମହୋତ୍ସବର ୭୫ ବର୍ଷ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାଜଜ୍ ତଥା ଜିଲା ଆଇନ ପ୍ରାଧିକରଣ ସମ୍ପାଦକ ବିଷ୍ଣୁଦେବ ଜେନା ଯୋଗଦେଇ ୪ ପ୍ରକାର ଆଇନ ବିଷୟରେ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ ସଚେତନତା କରାଇଥିଲେ। ଆଇନ ସେବା କଣ, ମାଗଣା ନ୍ୟାୟକ ବ୍ୟବସ୍ଥାରେ କେଉଁମାନେ ମାଗଣାରେ ଆଇନ୍ ସେବା ପାଇବାକୁ ହକ୍‌ଦାର, ମାଗଣାରେ ଆଇନ ସେବା ଓ ଉପଦେଶ ପାଇଁ ଆପଣମାନଙ୍କୁ କେଉଁଠାକୁ ଯିବାକୁ ପଡିବ, ଲୋକ ଅଦାଲତ କଣ ଏସବୁ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିରେ ଆଇନ୍ ପରାମର୍ଶଦାତା ଜିତେନ୍ଦ୍ର କୁମାର ଦାସ, ରବୀନ୍ଦ୍ର ମହାକୁଡ, ଶେରଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୋମନାଥ ରାଉତ, ଖବରଦାତା ରବି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଇନ ସଚେତନତା ଉପରେ ଆଲୋକପାତ କରିଥିଲେ।

# 'ଆଇନକୁ ସମ୍ମାନ ଦେବା ଶିଖନ୍ତୁ'



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

ଖଇରା, ୧୭।୧୦(ଡି.ଏନ.ଏ.)

ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ପାରଳାଖେମୁଣ୍ଡି ଏସିଏଫ୍‌ଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ବିବୃତ୍ତି ରଖିବା ପରେ ପ୍ରତିକ୍ରିୟାଶୀଳ ହୋଇପଡିଛି ଖଇରା ବିଜେଡି। ରବିବାର ବିଜେଡି ଓ ଏହାର ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ଭାଜପା ମୁଖପାତ୍ରଙ୍କର ବିଭିନ୍ନ ଅଭିଯୋଗର ଦୃଢ଼ ଜବାବ ରଖିଛନ୍ତି । ରାଜ୍ୟ ସରକାର ତଥା ସ୍ଥାନୀୟ ମନ୍ତ୍ରୀଙ୍କୁ ନେଇ ଭାଜପା ଯେଉଁଭଳି ଭାବେ ସମାଲୋଚନା କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ। କ୍ରାଇମବ୍ରାଞ୍ଚ ଏକ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା। ସେ ସମସ୍ତ ପ୍ରତ୍ୟକ୍ଷଦର୍ଶୀ ଓ ପ୍ରମାଣକୁ ଏକତ୍ର କରି ତାଙ୍କର ରିପୋର୍ଟ ପ୍ରଦାନ କରିବା ସହ ଚାର୍ଜଶିଟ ପ୍ରଦାନ କରିଛନ୍ତି। ସୌମ୍ୟଙ୍କ ପରିବାର ଲୋକେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି । ଅଦାଲତ ଉପରେ ଭରସା ରଖିବା ସହ ଆଇନକୁ ସମ୍ମାନ ଦେଇ ଶିଖିବା ଦରକାର। ଭାଜପା ମୁଖପାତ୍ର କେବଳ ଏହାକୁ ରାଜନୀତିକରଣ କରୁଛନ୍ତି। ପେଟ୍ରୋଲ, ଡିଜେଲ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ରୋକିବାରେ ବିଫଳ ଭାଜପା ଧ୍ୟାନ ହଟାଇବାକୁ ଏଭଳି ଅଯୌକ୍ତିକ ପ୍ରସଙ୍ଗ ଉତ୍ଥାପନ କରୁଥିବା ନେଇ ଦଳ କହିଛି। ଖଇରା ବିଜେଡି କାର୍ଯ୍ୟାଳୟ ପରିସରରେ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ପତି, ଛାତ୍ର ଜନତା ସଭାପତି ମାନସ କୁମାର ଦାଶ, ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଜୟନ୍ତୀ ମହଲା, ରବୀନ୍ଦ୍ର ମହାନ୍ତି ଓ ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ଉପନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବାଲେଶ୍ୱର ସହରକୁ ମୁଖ୍ୟ ପ୍ରବେଶ ପଥ ତଥା ତାମୁଲିଆରୁ କୁରୁଡ଼ା ଏବଂ ଭୀମପୁରାରୁ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ରାସ୍ତାର ୮୦ ଲକ୍ଷ ଟଙ୍କା ବ୍ୟୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ। ଶୁକ୍ରବାର ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ଭୀମପୁରା ପର୍ଯ୍ୟନ୍ତ ରାସ୍ତାର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। କୁରୁଡ଼ାରୁ ତାମୁଲିଆ ପର୍ଯ୍ୟନ୍ତ ରାସ୍ତାର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା। ବାଲେଶ୍ୱର ଟାଉନ ସଭାପତି ସନତ ଦାସ, ପୂର୍ବତନ ପୌର ଉପନଗରପାଳ ମନୋଜ ରାଉତ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ମହିଳା ରାଜ୍ୟ ଉପ ସଭାପତି ଉର୍ମିଳତା ଦାସ, ରାଜଲକ୍ଷ୍ମୀ ଚାଟାର୍ଜୀ, ଶେଖ ସାକିର, ଶେଖ ରାଜୁ, ଆଶ୍ରିତା ତରେଇ, ମୀନତି ବିଶ୍ୱାଳ, ସଞ୍ଜୟ ବେହେରା, ପଙ୍କଜ ଅଗ୍ରୱାଲ, ଅମ୍ବିକା ନାୟକ, ବାବାଜୀ ମଲ୍ଲିକ, ଅଞ୍ଜନ ନାୟକ, ବାଦଲ ଦାସ ଓ ରୁନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ ଲାଗି ପ୍ରଦୀପ ପ୍ରଜ୍ୱଳନ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୬ ତମ ଜନ୍ମଦିନ ଅବସରରେ ସ୍ଥାନୀୟ ରାଜାବଗିଚାସ୍ଥିତ ଶିବ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର ପାଇଁ ପୂଜାର୍ଚ୍ଚନା କରାଯିବ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ବିସ୍କୁଟ୍, ଜୁସ୍ ଏବଂ ମାସ୍କ ବଣ୍ଟନ ହୋଇଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର, ଟାଉନ ସଭାପତି ସନତ ଦାସ, ପୂର୍ବତନ ପୌର ଉପନଗରପାଳ ମନୋଜ ରାଉତ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଟାଉନ ଛାତ୍ର ସଭାପତି କୁଶଳ ଚାଟାର୍ଜୀ, ଟାଉନ ମହିଳା ସଭାପତି ମିନା ମହାନ୍ତି, ପୂର୍ବତନ କାଉନସିଲର ରଞ୍ଜିତା ମହାପାତ୍ର, ବିଶ୍ୱଜିତ ମହାପାତ୍ର, କୈଳାଶ ଦାଶ, ରଞ୍ଜନ ବାଗ, କୈଳାସ ସେଠୀ, ରାଜଲକ୍ଷ୍ମୀ ଚାଟାର୍ଜୀ, ବ୍ରଜକିଶୋର ପ୍ରଧାନ, ରୋଜି ପଟ୍ଟନାୟକ, ଶୈଳେନ୍ଦ୍ର ସିଂ, ଜୟନ୍ତୀ ଦତ୍ତ, ଆଶ୍ରିତା ତରେଇ, ମିନତୀ ସେଠୀ, ସଞ୍ଜୟ ବେହେରା, ସେଖ ସାକିର ସେଖ ରାଜୁଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଏବଂ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧନା



ଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ରୂପସା, ୧୭।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଦୁବଲାଗଡ଼ି ମାଟିର ଗୌରବ ୨୦୨୧ ଓଡ଼ିଶା ନାଗରିକ ସମ୍ମାନପ୍ରାପ୍ତ ବିଶିଷ୍ଟ ଶିଳ୍ପୀ କେଶୁ ଦାସଙ୍କୁ 'ଆମ ଦୁନିଆ' ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାରେ ସମାଜସେବୀ ଶ୍ରୀକୃଷ୍ଣ ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମ ପ୍ରସାଦ ବେହେରା, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ଗୟା ପ୍ରସାଦ ଦାସ, ବିରାଜ ସିଂଦେଓ ଓ ଖବରଦାତା ସୁଶାନ୍ତ ପ୍ରଧାନ ଉପସ୍ଥିତ ରହି ଶିଳ୍ପୀ କେଶୁ ଦାସଙ୍କ କଳା ଓ ଚିତ୍ର ଜଗତରେ ଅନନ୍ୟ ପ୍ରତିଭା ସମ୍ପର୍କରେ ଗୁଣଗାନ କରିଥିଲେ। ଆୟୋଜକ ଆମ ଦୁନିଆର ସଭାପତି ଗୋବିନ୍ଦ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ତରଫରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ଶିଳ୍ପୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରାମଚନ୍ଦ୍ର ବେରା, ରିଣ୍ଟୁ ମାନ୍ନା, ମହେଶ୍ୱର ମାନ୍ନା, ଧନଞ୍ଜୟ ଗିରି, ମଦନ ପରିଡା, ଗୋକୁଳାନନ୍ଦ ଦାସ, ପତିତପାବନ ଦାସ, ଭକ୍ତଚରଣ ଦାସ, ମୁକ୍ତିକାନ୍ତ ନନ୍ଦି, ପ୍ରତାପ ଦାସ, ଦୁବଲାଗଡି ଗ୍ରାମବାସୀ ଉପସ୍ଥିତ ଥିଲେ। ଆମ ଦୁନିଆର ସମ୍ପାଦକ ରାମଚନ୍ଦ୍ର ବେରା ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ତ୍ତବ୍ୟ ସମ୍ପାଦନ ବେଳେ ଆଖି ବୁଜିଲେ ଆଶାକର୍ମୀ

ବାଲିଆପାଳ, ୧୭।୧୦(ସ୍ୱ.ପ୍ର.)

ରାତି ହେଉ କି ଦିନ ଖବର ପାଇଲେ ମାତ୍ରେ ରୋଗୀ ସେବା କରିବାକୁ ବାହାରି ପଡ଼ନ୍ତି ଆଶା କର୍ମୀ ବିଦ୍ୟୁତପ୍ରଭା। ଗର୍ଭବତୀଙ୍କୁ ଘରୁ ନେଇ ହସ୍ପିଟାଲରେ ଭର୍ତ୍ତି କରି ସୁରକ୍ଷିତ ଭାବରେ ପ୍ରସବ କରାଇ ପୁଣି ଘରେ ପହଞ୍ଚାଇ ଦେଇଥାନ୍ତି। ହେଲେ କର୍ତ୍ତବ୍ୟ ସମ୍ପାଦନ ବେଳେ ନିଜେ ହଠାତ୍ ଆଖି ବୁଜିଦେବା ଘଟଣା ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତ ସୁରଡିହା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ସୁରଡ଼ିହା ଗ୍ରାମର ଆଶା କର୍ମୀ ବିଦ୍ୟୁତପ୍ରଭା ବାଡ଼ି ସବୁଦିନ ପରି ଗତ ୧୩ ତାରିଖ ରାତିରେ ପିତବାସ ମାହାନାଙ୍କ ସ୍ତ୍ରୀ ଗୁରୁବାରୀଙ୍କ ପ୍ରସବ ଯନ୍ତ୍ରଣା ହେଉଥିବା ଖବରପାଇ ତାଙ୍କ ଘରକୁ ଯାଇଥିଲେ। ଗୁରୁବାରୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଉଥିବା ବେଳେ ବିଦ୍ୟୁତପ୍ରଭା ନିଜେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ୧୪ ତାରିଖ ସକାଳେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶନିବାର ହସ୍ପିଟାଲ ପରିସରରେ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବେଣୁଧର ହୋଇଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମୃତ ଆଶାକର୍ମୀ ବିଦ୍ୟୁତପ୍ରଭା ବାଡିଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଶା ସଙ୍ଘ ପକ୍ଷରୁ ଏକ ଦାବିପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବେଣୁଧର ହୋଇଙ୍କୁ ପ୍ରଦାନ କରାଯାଇଛି।

## ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ଜିଲା ପରିଷଦ ଅଧକ୍ଷ ପଦ

### ୫୬୨ ସଂରକ୍ଷଣ ଅଭିଯୋଗ ଦାଖଲ

ବାଲେଶ୍ୱର ଅଫିସ, ୧୭।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ବାଲେଶ୍ୱର ଜିଲାରେ ମୋଟ୍ ୪୫ ଜିଲାପରିଷଦ ସଭ୍ୟ, ୩୬୦ ସରପଞ୍ଚ, ୩୬୦ ସମିତିସଭ୍ୟ, ୧୨ ପଞ୍ଚାୟତ ସମିତି ଅଧକ୍ଷ ଏବଂ ୪୯୨୭ ୱାର୍ଡ଼ସଭ୍ୟ ନିର୍ବାଚନ ନିମନ୍ତେ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ତେବେ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଉପରେ ଅଭିଯୋଗ ଗ୍ରହଣ ପର୍ବ ଶନିବାର ଶେଷ ହୋଇଛି। ଏଥିନିମନ୍ତେ ମୋଟ୍ ୫୬୨ ସଂରକ୍ଷଣଜନିତ ଅଭିଯୋଗ ଦାଖଲ ହୋଇଥିବା ଜିଲା ପଞ୍ଚାୟତ ଅଧିକାରୀ ରବିଚନ୍ଦ୍ର କୁଅଁର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପରିଷଦ ଅଧକ୍ଷ ପଦ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ଲାଗି ସଂରକ୍ଷିତ ଥିବା ଚିଠା ତାଲିକାରେ ପ୍ରକାଶ ପାଇଛି। ୪୫ ଜିଲାପରିଷଦ ପଦ ସଂରକ୍ଷଣକୁ ନେଇ ଅଭିଯୋଗ କିମ୍ବା ପରାମର୍ଶ ଗ୍ରହଣ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଥିବା ଜିଲା ପଞ୍ଚାୟତ ଅଧିକାରୀ କୁଅଁର ପ୍ରକାଶ କରିଛନ୍ତି।

ମୁଖ୍ୟତଃ ଭାଜପା, କଂଗ୍ରେସ ସହ ବିଜେଡିର ନେତୃବର୍ଗ ମଧ୍ୟ ପ୍ରକାଶିତ ସଂରକ୍ଷିତ ତାଲିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତ୍ରୁଟି ସଂଶୋଧନ କରି ପୁର୍ନବାର ସଂରକ୍ଷଣ ତାଲିକା ପ୍ରକାଶ କରିବାକୁ ସବୁ ଦଳ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅବଗତ କରାଯାଇଛି। ତ୍ରୁଟି ସଂଶୋଧନ ହେଉଛି କି ପୂର୍ବ ପ୍ରକାଶିତ ତାଲିକା ବଳବତ୍ତର ରହୁଛି ତାହା ୧୮ତାରିଖ ପରେ ଜଣାପଡ଼ିବ। ତେବେ ଏହାକୁ ନେଇ ଅସନ୍ତୋଷ ଥମି ନ ଥିବା ବେଳେ ଜିଲା ପରିଷଦ ଅଧକ୍ଷ ପଦ ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ନେଇ ତାଲିକା ପ୍ରକାଶ ପରେ ପୁଣି ରାଜନୀତି ସରଗରମ ହୋଇ ଉଠିଛି। ଏହି ପଦ ପାଇଁ ଅଣସଂରକ୍ଷିତ ଓ ପଛୁଆବର୍ଗର ସବୁ ଦଳରୁ କିଛି ଆଗଧାଡ଼ିର ନେତା ଆଶାୟୀ ରହିଥିଲେ। ତେବେ ଅଧକ୍ଷ ପଦ ଏସ୍‌ଟି ପାଇଁ ସଂରକ୍ଷିତ ରହିଥିବାରୁ ଆଶାୟୀମାନଙ୍କ ଚିନ୍ତା ବଢ଼ିଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୧୨ ଓ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାପରିଷଦ ଅଧକ୍ଷ ପଦ ଅଣସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ୨୦୧୨ରେ ବିଜେଡିର ଉର୍ମିଳତା ଦାସ ଅଧକ୍ଷା ପଦ ସମ୍ଭାଳିଥିଲେ। ୨୦୧୭ରେ ଜିଲାର ୪୫ଟି ଜିଲାପରିଷଦ ଜୋନ୍‌ରୁ ବିଜେଡି ୩୭ଟିରେ ବିଜୟୀ ହୋଇଥିଲା।

# ଜାମକୁଣ୍ଡା ଟିମ୍ ଚାମ୍ପିୟନ

### ଶାରଦୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ



ଦୁଇ ଦଳ ପକ୍ଷରୁ ଚାଲିଥିବା ମ୍ୟାଚ।

ବାଲିଆପାଳ, ୧୭।୧୦(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ସୁବର୍ଣ୍ଣରେଖା ନଦୀ କୂଳସ୍ଥ ଇକଡ଼ପାଳ ସ୍କୁଲ ନିକଟରେ ପୁରାତନ ଇକଡ଼ପାଳ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଶନିବାର ଶାରଦୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭିକାଗଡ଼ିଆ ଭଲିବଲ ଟିମ୍‌କୁ ୩-୦ରେ ଜାମକୁଣ୍ଡା ଭଲିବଲ ଟିମ୍ ହରାଇ ବିଜୟୀ ହୋଇଥିଲା।

ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ତଥା ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ ଯୋଗଦେଇ ବିଜୟୀ ଜାମକୁଣ୍ଡା ଟିମ୍‌କୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ଦୀର୍ଘବର୍ଷ ଧରି ଦୁର୍ଗାପୂଜାରେ ଏଠାରେ ଖେଳକୁ ଗୁରୁତ୍ୱ ଦେଇ ପ୍ରତିଯୋଗିତା କରାଯାଉଥିବାରୁ ପୂଜା କମିଟିକୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ଗୋପାଳ ଚନ୍ଦ୍ର ସାହୁ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଦୁର୍ଗାପୂଜା କମିଟିର ବରିଷ୍ଠ ସଦସ୍ୟ ଉତ୍ତମ କୁମାର ପିଳାଙ୍କ ପରିଚାଳନାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଯଥା ଜାମକୁଣ୍ଡା, ଭିକାଗଡ଼ିଆ, ସାବନ୍ଦର, ବଡ଼ାଶ, ଛୋଟଖାନପୁର, ନିଖିରା, ଛ ମୌଜ ଓ ଜଗାଇ ଭଲିବଲ ଟିମ୍ ଭାଗନେଇ ଖେଳ ପ୍ରଦର୍ଶନ କରିଥିଲେ। ୩ ଦିନଧରି ଚାଲିଥିବା ଏହି ଖେଳରେ ପୂଜା କମିଟିର ଗୌରହରି ପାତ୍ର, ଦର୍ଶନ ଜେନା, ନିର୍ମଳ ପରିଡ଼ା, ବିଜୟ ପାତ୍ର, ସୁଦର୍ଶନ ଜେନା, ମାନଗୋବିନ୍ଦ ପ୍ରଧାନ, ଗଦାଧର ବେହେରା, ଶ୍ରୀନିବାସ ବେହେରା, ମନୋରଞ୍ଜନ ପିଳା, ପରୀକ୍ଷିତ ନାୟକ, ପ୍ରାଣକୃଷ୍ଣ ପାଢ଼ୀ, ଗଦାଧର ରାଉଳ ଓ କୁମୁଦ ରଞ୍ଜନ ଜେନା ପ୍ରମୁଖ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ।

## ୫ଜଣଙ୍କୁ ମିଳିବ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର'

### କିଶୋର, ଶୁଭଶ୍ରୀ, ପ୍ରୀତିଧାରା, ଈପ୍‌ସିତା, ବାଦଲ ମନୋନୀତ

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱରଠାରେ କବି ବସନ୍ତ ମୁଦୁଲି ସ୍ମୃତି ସଂସଦ ପକ୍ଷରୁ ଶୁକ୍ରବାର ଆୟୋଜିତ ବୈଠକରେ ମର୍ଯ୍ୟାଦାଜନକ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର'ର ଫଳାଫଳ ଘୋଷଣା କରାଯାଇଛି। ୨୦୧୭ରୁ ଏହି ଉତ୍ସବ ହୋଇପାରି ନ ଥିବାରୁ ଚଳିତବର୍ଷ ୨୦୧୭ରୁ ୨୦୨୧ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ପୁରସ୍କାର ବିଧିବଦ୍ଧ ଭାବେ ସଂସଦ ପକ୍ଷରୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

ପ୍ରତିବର୍ଷ ଜଣେ ଯୁବ କବିଙ୍କୁ ବିଚାରକମଣ୍ଡଳୀଙ୍କ ମନୋନୟନ ପ୍ରକ୍ରିୟା ଅନୁସାରେ ଚୟନ କରାଯାଇ ଏହି ପୁରସ୍କାର ବିଗତ ୨୯ବର୍ଷ ଧରି ପ୍ରଦାନ କରାଯାଇଆସୁଛି। ପୁରସ୍କାର ଫଳାଫଳ ଘୋଷଣା ଅନୁସାରେ ୨୦୧୭ ପାଇଁ ଭଦ୍ରକର ଯୁବକବି କିଶୋର ପାଣିଗ୍ରାହୀ ମନୋନୀତ ହୋଇଥିବା ବେଳେ ୨୦୧୮ ପାଇଁ ବାଲେଶ୍ୱରର କବି ଡ. ଶୁଭଶ୍ରୀ ଲେଙ୍କା, ୨୦୧୯ ପାଇଁ କୋରାପୁଟର କବି ପ୍ରୀତିଧାରା ସାମଲ, ୨୦୨୦ ପାଇଁ ପୁରୀର କବି ଈପ୍‌ସିତା ଷଡ଼ଙ୍ଗୀ ଏବଂ ୨୦୨୧ ପାଇଁ ଭୁବନେଶ୍ୱରର କବି ବାଦଲ ମହାନ୍ତି ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ସଂସଦ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଓ ସଂଯୋଜକ ଅରୁଣ ଖିଲାର ପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ ଭଦ୍ରକ ଚିଙ୍ଗୁଡ଼ିପୁରସ୍ଥିତ ନବନିର୍ମିତ ସଂସଦର ନିଜସ୍ୱ 'ବସନ୍ତ ଭବନ'ଠାରେ ଅନୁଷ୍ଠିତ ହେବାକୁ ଥିବା ୨୯ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ ପାଳନ ଅବସରରେ ଉପରୋକ୍ତ ବିଜେତାଙ୍କୁ ପୁରସ୍କାରସ୍ୱରୂପ ନଗଦ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବ।



ମନୋନୀତ ୫ କବୟିତ୍ରୀ, କବି।



ଓମାନର ମସ୍କଟରେ ରବିବାର ଟି୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

# ଯୁବ ଖେଳାଳିଙ୍କୁ ଶ୍ରେୟ ଦେଲେ ଛେତ୍ରୀ

**ସାଫ୍ ଚାମ୍ପିୟନଶିପ୍ ବିଜୟ**

ମାଲେ,୧୭।୧୦

ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ ଶନିବାର ଫାଇନାଲରେ ନେପାଳକୁ ୩-୦ ଗୋଲରେ ପରାସ୍ତ କରି ରେକର୍ଡ ଅଷ୍ଟମ ଥର ପାଇଁ ଟାଇଟଲ ହାସଲ କରିଛି। ଅଧିନାୟକ ସୁନୀଲ ଛେତ୍ରୀ ୪୯ତମ ମିନିଟ୍‌ରେ ଗୋଲ ସ୍କୋର କରି ଲିଓନେଲ ମେସି (୮୦ ଅନ୍ତର୍ଜାତୀୟ ଗୋଲ୍)ଙ୍କ ସମକକ୍ଷ ହେବା ସହ କିମ୍ବଦନ୍ତୀ ଖେଳାଳି ପେଲେଙ୍କୁ ପଛରେ ପକାଇଛନ୍ତି। ଦଳର ଏହି ସଫଳତାରେ ଯୁବ ଖେଳାଳିଙ୍କ ଭୂମିକାକୁ ଛେତ୍ରୀ ପ୍ରଶଂସା କରିଛନ୍ତି। ଏହି ସଫଳତା ପାଇଁ ଯୁବ ଖେଳାଳିଙ୍କୁ ଶ୍ରେୟ ଦିଆଯିବା ଉଚିତ ବୋଲି ୩୭ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ୧୦ ବର୍ଷ ଧରି ଛେତ୍ରୀ ଭାରତୀୟ ଫୁଟବଲ ସହିତ ଜଡିତ ରହିଆସିଛନ୍ତି। ଯୁବ ଖେଳାଳିଙ୍କ କଠିନ ପରିଶ୍ରମ ଯୋଗୁ ଭାରତ ଏହି ମେଗା ଇଭେଣ୍ଟରେ ଟାଇଟଲ ହାସଲ କରିଛି। ଗତ ୨୦ ଦିନ ହେବ ଆମେ ଏଠାରେ ରହିଛୁ ଓ ଖେଳାଳିମାନେ ପ୍ରତିଦିନ ପ୍ରାକ୍ଟିସ ସେସନରେ କଠିନ ପରିଶ୍ରମ କରିଆସୁଥିଲେ।

ପ୍ରଥମ ଦୁଇଟି ମ୍ୟାଚ୍‌ରେ ଆମର ପ୍ରଦର୍ଶନ ସେତେଟା ଭଲ ହୋଇପାରି ନ ଥିଲା। ଭାରତ ପ୍ରଥମେ ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ସେହିପରି ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌କୁ ଗୋଲଶୂନ୍ୟ ଭାବେ ଡ୍ର ରଖିଥିଲା। ଭାରତ ଟୁର୍ନାମେଣ୍ଟରେ ୮ଟି ଗୋଲ ଦେଇଥିବା ବେଳେ ଛେତ୍ରୀ ଏକା ୫ଟି ଗୋଲ ସ୍କୋର କରିଥିଲେ। ସୁରେଶ ସିଂ ଓ ସାହାଲ ଅବଦୁଲ ସମାଦଙ୍କ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ଭାରତୀୟ ମୁଖ୍ୟ କୋଚ୍ ଆଇଗର ଷ୍ଟିମାକ ମଧ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି। ତୃତୀୟ କୋଚ୍ ଭାବେ ଷ୍ଟିମାକ ଭାରତ ପାଇଁ ଏହି ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଜିରି ପେସେକ (୧୯୯୩) ଓ ଷ୍ଟିଫେନ କନ୍‌ଷ୍ଟାନଟାଇନ ୨୦୧୫ରେ ସାଫ୍ ଟାଇଟଲ ହାସଲ କରିଥିଲେ। ଗତ ୧୩ଟି ସଂସ୍କରଣରେ ଭାରତ ଦ୍ୱାଦଶ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା।



ସୁନୀଲ ଛେତ୍ରୀ

# ଓମାନର ସହଜ ବିଜୟ

**ଟି୨୦ କ୍ରିକେଟ ବିଶ୍ୱକପ୍**



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜିଶାନ ମକ୍‌ସୁଦ୍।

ଅଲ ଆମର୍ତ (ଓମାନ), ୧୭।୧୦ (ପି.ଟି.)

ରବିବାରଠାରୁ ଟି୨୦ କ୍ରିକେଟ ବିଶ୍ୱକପ୍ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଗ୍ରୁପ୍ ବି' ମ୍ୟାଚରେ ଓମାନ ୧୦ ଉଇକେଟରେ ପାପୁଆ ନ୍ୟୁ ଗିନି (ପିଏନ୍‌ଜି) କୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ପିଏନ୍‌ଜି ବିନା କୌଣସି ରନ୍‌ରେ ଏହାର ଦୁଇ ଓପନରଙ୍କୁ ହରାଇଥିଲା। କିନ୍ତୁ ଅଧିନାୟକ ଅସାଦ ଭାଲା ୪୩ ବଲ୍‌ରୁ ୫୬ ଏବଂ ଚାର୍ଲ୍ସ ଅମିନି ୨୬ ବଲ୍‌ରୁ ୩୭ ରନ କରି ତୃତୀୟ ଉଇକେଟରେ ୮୧ ରନ ଯୋଗ କରିଥିଲେ। ଏହାପରେ ପିଏନ୍‌ଜିର ଆଉ ଏକ ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଦଳ ପରବର୍ତ୍ତୀ ୬ ଉଇକେଟ ମାତ୍ର ୩୭ରନରେ ହରାଇଥିଲା। ଓମାନ ତରଫରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ଅଧିନାୟକ ଜିଶାନ ମକ୍‌ସୁଦ୍ ୨୦ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟି୨୦ ବିଶ୍ୱକପ୍‌ରେ ଜଣେ ଅଧିନାୟକ ହିସାବରେ ୪ ଉଇକେଟ ସଫଳତା ହାସଲ କରିବାରେ ଡାନିଏଲ ଭିଟୋରୀଙ୍କ ପଛକୁ ସେ ଦ୍ୱିତୀୟ କ୍ରିକେଟର। ବିଲାଲ ଖାଁ (୨/୧୬) ଓ କାଲେମୁଲ୍ଲା (୨/୧୯) ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓମାନ ମାତ୍ର ୧୩.୪ ଓଭରରେ ବିନା କୌଣସି ଉଇକେଟରେ ବିଜୟ ହାସଲ କରିନେଇଥିଲା। ଓପନର ତଥା ଲୁଧିଆନାର ଯତିନ୍ଦର ସିଂ ୪୨ ବଲ୍‌ରୁ ୭୩ ରନ ଏବଂ ଆକ୍ୱିବ ଇଲିଆସ ୫୦ରନ କରି ଅପରାଜିତ ରହିଥିଲେ। ମକ୍‌ସୁଦ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାପୁଆ ନ୍ୟୁ ଗିନି : ୨୦ ଓଭରରେ ୧୨୯/୯ (ଅସାଦ ଭାଲା-୫୬, ଚାର୍ଲ୍ସ ଅମିନି-୩୭; ଜିଶାନ ମକସୁଦ୍-୪/୨୦)। ଓମାନ: ୧୩.୪ ଓଭରରେ ୧୩୧/୦ (ଯତିନ୍ଦର ସିଂ-୭୩*, ଆକ୍ୱିବ ଇଲିଆସ-୫୦*)।

# ଭାରତ-ଇଂଲଣ୍ଡ ୱାର୍ମଅପ୍ ମ୍ୟାଚ ଆଜି




ଦୁବାଇ, ୧୭।୧୦ (ପି.ଟି.)

ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଭାରତ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳିବ। ଦଳ ସୋମବାର ଏହାର ପ୍ରଥମ ୱାର୍ମଅପ୍‌ରେ ଇଂଲଣ୍ଡକୁ ଭେଟିବ। ଭାରତୀୟ ଦଳର ସମସ୍ତ ଖେଳାଳି ନିକଟରେ ଅନୁଷ୍ଠିତ ଆଇପିଏଲ୍‌ରୁ ସିଧାସଳଖ ଆସି ପହଞ୍ଚିଛନ୍ତି। ତେଣୁ କୋହଲି ଓ ତାଙ୍କ ଦଳ ପାଇଁ ମ୍ୟାଚ୍ ପ୍ରାକ୍ଟିସ ଏକ ସମସ୍ୟା ନୁହେଁ। କିନ୍ତୁ ଅକ୍ଟୋବର ୨୪ରେ ପାକିସ୍ତାନ ବିପକ୍ଷ ହାଇପ୍ରୋଫାଇଲ ଓପନିଂ ଗେମ୍ ପାଇଁ ଉପଯୁକ୍ତ କମ୍ବିନେଶନ ସ୍ଥିର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ପରେ ବୁଧବାର ଭାରତ ଏହାର ଅନ୍ୟ ଅଭ୍ୟାସ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବ। ଏହି ମ୍ୟାଚ ଦୁଇଟି ଉପରେ ଟିମ୍ ମ୍ୟାନେଜମେଣ୍ଟର ନଜର ରହିବ। ବର୍ତ୍ତମାନ ବ୍ୟାଟିଂ ଅବା ବୋଲିଂରେ ଖେଳାଳି କିଭଳି ଫର୍ମରେ ଅଛନ୍ତି ତାହା ଜଣାପଡ଼ିବ। ଦଳରେ ଉପଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ନିଶ୍ଚିତ। ତାଙ୍କ ଓପନିଂ ପାର୍ଟନର ଭାବେ ଇଶାନ କିଶନ ଓ କେ.ଏଲ୍. ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ବାଛିବାକୁ ପଡ଼ିବ। କିନ୍ତୁ ଦୁଇ ଜଣଙ୍କ ମଧ୍ୟରୁ ରାହୁଲଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ତାଙ୍କର ଚାପ ମ୍ୟାଚଗୁଡ଼ିକରେ ଖେଳିବା ଅଭିଜ୍ଞତା ରହିଛି। ବର୍ତ୍ତମାନ ସେ ଭଲ ଫର୍ମରେ ଅଛନ୍ତି। ଆଇପିଏଲ୍-୧୪ରେ ସେ ୬୨୬ ରନ (୩୦ ଛକା ସମେତ) ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୩୮.୮୦ ରହିଥିଲା। ଏହି ସଂଖ୍ୟା ତାଙ୍କୁ କିଶନଙ୍କ ତୁଳନାରେ ଫେଭରାଇଟ କରିଛି। ରାହୁଲଙ୍କ ବ୍ୟାଟିଂରେ କ୍ରମଶଃ ଉନ୍ନତି ଲକ୍ଷ୍ୟ କରାଯାଇଛି। ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ଗୁରୁତ୍ୱହୀନ ମ୍ୟାଚରେ ସେ ପଞ୍ଜାବ କିଙ୍ଗ୍ସ ତରଫରୁ ଖେଳି ୪୨ ବଲ୍‌ରୁ ୯୮ରନ କରି ଅପରାଜିତ ରହିଥିଲେ। ସେ ୮ଛକା ଓ ୭ ଚୌକା ମାରିଥିଲେ। ଅନ୍ୟପକ୍ଷରେ ରୋହିତଙ୍କ ପାର୍ଟନର ହିସାବରେ କିଶନ ଶେଷ ଦୁଇଟି ମ୍ୟାଚରେ ଦୁଇଟି ଚମତ୍କାର ଅର୍ଦ୍ଧଶତକ ସହ ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ଲେ-ଅଫ୍ ପାଖକୁ ନେଇ ଯାଇଥିଲେ। ସେହିପରି ବୋଲିଂ ବିଭାଗରେ ରବୀନ୍ଦ୍ର ଜାଡେଜାଙ୍କ ସହିତ ଅନ୍ୟ ୨ ସ୍ପିନର ରହିବେ। ଫିଟ୍ ରହିଲେ ବରୁଣ ଚକ୍ରବର୍ତ୍ତୀଙ୍କୁ ସୁଯୋଗ ମିଳିବ। ରାହୁଲ ଚହର (ଲେଗ-ବ୍ରେକ୍) ଓ ଆର. ଅଶ୍ୱିନୀ (ଅଫ୍-ବ୍ରେକ୍)ଙ୍କ ମଧ୍ୟରୁ ଜଣେ ତୃତୀୟ ସ୍ପିନର ଭାବେ ଦଳରେ ସ୍ଥାନ ପାଇବେ। ଦଳରେ ଦୁଇ ପେସ୍ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରା ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ଦଳ ଯଦି କମ୍ ସ୍ପିନରଙ୍କୁ ନେଇ ଖେଳିବ ତା'ହେଲେ ଶାର୍ଦ୍ଦୂଳ ଠାକୁରଙ୍କୁ ସ୍ଥାନ ମିଳିପାରେ।

# କାମେରନ ନୋରି ଫାଇନାଲରେ

କାଲିଫର୍ନିଆ (ଇଣ୍ଡିଆନ ୱେଲ୍ସ), ୧୭।୧୦

ବ୍ରିଟେନର କାମେରନ ନୋରି ଏଠାରେ ତାଙ୍କ ପ୍ରଥମ ମାଷ୍ଟର୍ସ ୧,୦୦୦ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ୨୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସେମିଫାଇନାଲରେ ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ବିଶ୍ୱର ୩୬ ନମ୍ବର ମାନ୍ୟତାପ୍ରାପ୍ତ ନିକୋଲୋଜ ବାସିଲାସଭିଲିଙ୍କୁ ଭେଟିବେ। ନିକୋଲୋଜ ସେମିଫାଇନାଲରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୭-୬ (୭-୫) ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଜର୍ଜିଆନ ଖେଳାଳିଙ୍କର ମଧ ଏହି ସ୍ତରରେ ଏହା ପ୍ରଥମ ଫାଇନାଲ।




# ଶକିବଙ୍କୁ ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ଉଇକେଟ



ଶକିବ ଅଲ୍ ହସନ

ଅଲ୍ ଅମ୍‌ରାଟ୍ (ଓମାନ), ୧୭।୧୦ (ପି.ଟି.)

ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ରବିବାର ନୂଆ କିର୍ତ୍ତୀମାନ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସବୁଠାରୁ ଅଧିକ ଉଇକେଟ ହାସଲ କାରୀ ବୋଲର ବିବେଚିତ ହୋଇଛନ୍ତି। ଏଠାରେ ସେ ସ୍କଟଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ସେ ଶ୍ରୀଲଙ୍କା ବୋଲର ଲସିଥ ମାଲିଙ୍ଗା (୧୦୭ ଉଇକେଟ)ଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସ୍କଟଲାଣ୍ଡ ବିପକ୍ଷରେ ଶକିବ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୭ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଶକିବ ବର୍ତ୍ତମାନ ସୁଦ୍ଧା ୮୯ ଅନ୍ତର୍ଜାତୀୟ ଟି୨୦ରୁ ୧୦୮ ଉଇକେଟ ଅକ୍ତିଆର କରିଛନ୍ତି। ସେ ଆହୁରି ମଧ ଏହି ଫର୍ମାଟରେ ୧୦୦ ଉଇକେଟ ଓ ୧୦୦୦ ରନ ସଂଗ୍ରହ କରିବାରେ ଏକମାତ୍ର କ୍ରିକେଟର। ରବିବାର ସେ ପ୍ରଥମେ ରିଚି ବରିଙ୍ଗଟନଙ୍କ ଉଇକେଟ ଅକ୍ତିଆର କରି ମାଲିଙ୍ଗାଙ୍କ ରେକର୍ଡ ସମକକ୍ଷ ହୋଇଥିଲେ। ସେ ପରେ ମାଇକେଲ ଲିସ୍କଙ୍କ ଉଇକେଟ ପତନ ଘଟାଇ ତାଙ୍କୁ ଅତିକ୍ରମ କରିଯାଇଥିଲେ। ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ନ୍ୟୁଜିଲାଣ୍ଡର ଟିମ୍ ସୌଦି। ସେ ୯୯ ଉଇକେଟ ଅକ୍ତିଆର କରିଛନ୍ତି।



ଉବର କପ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ଚାଇନା ଦଳ।

# ଚାଇନା ଜିତିଲା ଉବର କପ୍

**ଆରହସ୍, ୧୭।୧୦ (ଏପି):** ଗତଥରର ଚାମ୍ପିୟନ ଜାପାନ ବିପକ୍ଷରେ ୩-୧ରେ ବିଜୟ ହାସଲ କରି ଚାଇନା ଉବର କପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଜିତିଛି। କେତେଜଣ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ଜାପାନ ମୁକାବିଲା ଜିତିବା ଲାଗି ଲଢୁଆ ପ୍ରଦର୍ଶନ କରି ମଧ ବିଫଳ ହୋଇଥିଲା। ଏଥରକୁ ମିଶାଇ ଚାଇନା ଏହି ପ୍ରତିଯୋଗିତାରେ ୧୫ ଥର ଚାମ୍ପିୟନ ହୋଇପାରିଛି। ଚାଇନାର ଚେଙ୍ଗ କ୍ୱିଙ୍ଗ୍ ଚାନ/ଜିଆ ୟି ଫାନ୍‌ଙ୍କୁ ସେମାନଙ୍କ ଡବଲ୍ସ ମ୍ୟାଚ ଜିତିବା ଲାଗି ବହୁ କଷ୍ଟ କରିବାକୁ ପଡ଼ିଥିଲା। ସେମାନଙ୍କ ଉବର କପ୍ ଇତିହାସରେ ସବୁଠାରୁ ଦୀର୍ଘ ମ୍ୟାଚ ଖେଳିବାକୁ ହୋଇଥିଲା। ଦ୍ୱିତୀୟ ଡବଲ୍ସ ମାଚ୍‌ରେ ବିଜୟ ସହ ଚାଇନା ମୁକାବିଲାକୁ ଜିତି ନେଇଥିଲା। ଫଳରେ ତୃତୀୟ ସିଙ୍ଗଲ୍ସ ମ୍ୟାଚ ଖେଳାଯିବା ଆବଶ୍ୟକ ପଡ଼ି ନ ଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

ସୋମବାର, ଅକ୍ଟୋବର ୧୮/୨୦୨୧ | Monday, October 18/2021 | ପୃଷ୍ଠା-୧


## ଜେଇଇ ଆଡ୍‌ଭାନ୍ସଡ୍: ୪୩ ର୍ୟାଙ୍କ୍‌ରେ ଓଡ଼ିଆ ପୁଅ ଓମ୍



**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** ଖଡ଼ଗପୁର ଆଇଆଇଟି ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସଡ ରେଜଲ୍ଟ ପ୍ରକାଶ ପାଇଛି। ଏଥିରେ ଓଡ଼ିଆ ପୁଅ ଓମ୍ ଅଗ୍ରୱାଲ ୪୩ତମ ର୍ୟାଙ୍କ ହାସଲ କରିଛନ୍ତି। ଭୁବନେଶ୍ୱରର ଓମ୍ ମୋଟ ୩୬୦ରୁ ୩୦୩ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୪୩ତମ ସ୍ଥାନରେ ରହିଛନ୍ତି। ତେବେ ସେ ରାଜସ୍ଥାନରୁ ପରୀକ୍ଷା ଦେଇଥିଲେ। ତାଙ୍କ ପରିବାର ଭିଏସ୍‌ଏସ୍‌ନଗରରେ ରୁହନ୍ତି। ପିତା କମଳ ଅଗ୍ରୱାଲ ଜଣେ ବ୍ୟବସାୟୀ ଥିବାବେଳେ ମା' ମଞ୍ଜୁ ଅଗ୍ରୱାଲ ଗୃହିଣୀ ଅଟନ୍ତି। ଓମ୍ ବିଜେବି ସ୍କୁଲରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ସେ କୋଟାସ୍ଥିତ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରୁ ପଢ଼ାପଢ଼ି କରିବା ସହ ଆଲେନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କୋଚିଂ ନେଇଥିଲେ। ସେ ଅନେକ ସର୍ବଭାରତୀୟ ପ୍ରତିଯୋଗିତା ପରୀକ୍ଷା ତଥା ବିଜ୍ଞାନ ଓ ଗଣିତ ଅଲିମ୍ପିଆଡ୍‌ରେ କୃତିତ୍ୱ ହାସଲ କରିଛନ୍ତି। ଏଥିସହିତ ସର୍ବଭାରତୀୟ ସ୍ତରରେ ସର୍ବୋଚ୍ଚ ସ୍ଥାନ ପାଇ ଅନେକ ☞ପୃଷ୍ଠା-୨

# କଶ୍ମୀରରେ ବଢ଼ୁଛି ଟାର୍ଗେଟ କିଲିଂ

- ■ ୟୁପି, ବିହାର ଲୋକେ ହତ୍ୟାର ଶିକାର
- ■ କଶ୍ମୀରକୁ ବଦନାମ କରିବାକୁ ଷଡ଼ଯନ୍ତ୍ର: ଫାରୁକ୍
- ■ କେନ୍ଦ୍ର ଦାୟୀ: ମେହବୁବା



ଶ୍ରୀନଗରରେ ହତ୍ୟାର ଶିକାର ହୋଇଥିବା ଜଣେ ବିହାରୀଙ୍କ ଠେଲା ପଡ଼ିରହିଛି।

**ଶ୍ରୀନଗର/ନୂଆଦିଲ୍ଲୀ,୧୭।୧୦**

କଶ୍ମୀରରେ ବାହାର ଲୋକଙ୍କୁ ଟାର୍ଗେଟ କରି ହତ୍ୟା ଘଟଣା ବଢ଼ିବାରେ ଲାଗିଛି। ହତ୍ୟାର ଶିକାର ହେଉଛନ୍ତି ହିନ୍ଦୀ ଭାଷୀ ରାଜ୍ୟ ଉତ୍ତର ପ୍ରଦେଶ ଓ ବିହାର ବାସିନ୍ଦା। ବିଶେଷକରି ଛୋଟମୋଟ ବ୍ୟବସାୟ କିମ୍ବା ଶ୍ରମିକ ଭାବେ କାମ କରୁଥିବା ଆର୍ଥିକ ଅସ୍ୱଚ୍ଛଳ ବର୍ଗର ଲୋକଙ୍କୁ ହତ୍ୟା କରାଯାଉଥିବାରୁ ପ୍ରଶାସନ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି। କାରଣ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ଉଚ୍ଛେଦ ପୂର୍ବରୁ ଏଭଳି ହତ୍ୟାକାଣ୍ଡ ଘଟୁନ ଥିଲା। ହିନ୍ଦୁ ଓ ଶିଖ୍ ସଂଖ୍ୟାଲଘୁଙ୍କ ଉପରେ ଲଗାତର ହେଉଥିବା ଏହି ଆକ୍ରମଣକୁ ଭାଜପା ସ୍ଥାନୀୟ ଆତଙ୍କବାଦୀଙ୍କ କାଣ୍ଡ ବୋଲି ଅଭିହିତ କରୁଥିବାବେଳେ ମୁଖ୍ୟସ୍ରୋତର ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏହାକୁ କଶ୍ମୀରୀଙ୍କୁ ବଦନାମ କରିବା ପାଇଁ ଏକ ଷଡ଼ଯନ୍ତ୍ର ଭାବେ ଅଭିହିତ କରିଛନ୍ତି। ଇତିମଧ୍ୟରେ ଉପରାଜ୍ୟପାଳ ମନୋଜ ସିହ୍ନା ଏହାର ନିନ୍ଦା କରିବା ସହ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଖୋଜି ପ୍ରତ୍ୟେକ ରକ୍ତବିନ୍ଦୁର ପ୍ରତିଶୋଧ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।



> କଶ୍ମୀରରେ ନିରୀହ ଲୋକଙ୍କୁ ହତ୍ୟା କରିବା ଆତଙ୍କବାଦୀଙ୍କୁ ମହଙ୍ଗା ପଡ଼ିବ। ଆମେ ସେମାନଙ୍କୁ ଖୋଜି ବାହାର କରିବୁ ଓ ପ୍ରତ୍ୟେକ ରକ୍ତବିନ୍ଦୁର ପ୍ରତିଶୋଧ ନେବୁ।
>
> **- ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ**

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ଧାରା ୩୭୦କୁ ଉଚ୍ଛେଦ କରାଯାଇଥିଲା। ଏହାସହ ଉପତ୍ୟକାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତିତ କରାଯାଇଥିଲା। ପୂର୍ବରୁ କଶ୍ମୀରରେ ବିଚ୍ଛିନ୍ନତାବାଦୀଙ୍କ ଟେକାମାଡ଼କାରୀ ଗୋଷ୍ଠୀ ସକ୍ରିୟ ଥିଲେ। ଆତଙ୍କବାଦୀଙ୍କ ଓ ସେନା ମଧ୍ୟରେ ସଂଘର୍ଷ ଘଟୁଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ହିଂସା ଭିଆଇବାର ☞ପୃଷ୍ଠା-୨

# ଆଜିଠୁ ୪ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

## ମନୀଷ ଅନୁରାଗ ହତ୍ୟା ମାମଲା

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସଙ୍କ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ୩ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣିବ। ଏଥିପାଇଁ ରବିବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି। ସୋମବାରଠାରୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ହତ୍ୟା ପଛରେ ଲୁଚି ରହିଥିବା ଅଧିକ ତଥ୍ୟ ପାଇବାକୁ ଲକ୍ଷ୍ୟ ରଖିଛି କମିଶନରେଟ ପୋଲିସ। ଏହି ଅଭିଯୁକ୍ତମାନେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଅମଲାପଡ଼ାର ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନା। ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଘଟଣାରେ ଏବେ ବି ଅନେକ ରହସ୍ୟ ପରଦା ଆଢୁଆଳରେ ରହିଛି। ଅଧିକ ତଦନ୍ତ ପାଇଁ ଇନ୍‌ଫୋସିଟି ଥାନା ପୋଲିସ ୫ ଦିନିଆ ରିମାଣ୍ଡରେ ନେବାକୁ କୋର୍ଟରେ ଆବେଦନ କରିଥିଲା। ତେବେ ୪ଦିନ ପାଇଁ ଅନୁମତି ମିଳିଥିବାରୁ କିପରି ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ହାସଲ କରିହେବ ସେଥିପାଇଁ ପୋଲିସ ପୂରା ପ୍ରସ୍ତୁତ ରହିଛି। ସମସ୍ତଙ୍କୁ ସାମ୍ନାସାମ୍ନି ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ମନୀଷ ହତ୍ୟା ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିବାରେ ଲାଗିଛି। କମିଶନରେଟ ପୋଲିସ ତଦନ୍ତ ଚଳାଇବା ସହ ୩ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଅନେକ ପ୍ରସଙ୍ଗ ଲୁଚି ରହିଥିବା ଭଳି ମନେ ହେଉଛି। ଏଯାଏ ମନୀଷଙ୍କ ମୋବାଇଲକୁ ପୋଲିସ ଖୋଜିପାଇ ନାହିଁ। ମନୀଷ ଶନିବାର ରାତି ୩ଟା ୨୯ରେ ☞ପୃଷ୍ଠା-୨



ଗିରଫ ୩ ଅଭିଯୁକ୍ତ।

## ଏନ୍‌ଏଚ୍‌ଆର୍‌ସିଙ୍କ ପୁଣି ହସ୍ତକ୍ଷେପ ଲୋଡ଼ିଲେ ପିହୁଙ୍କ ପରିବାର

**ବରୀ, ୧୭।୧୦ (ଡି.ଏନ୍.ଏ.):** ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ୨ ବର୍ଷର ଶିଶୁକନ୍ୟା ପିହୁ ୨୦୨୦ ଅଗଷ୍ଟ ୯ରେ ଗାଁଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲା। ପରିବାରର ସଦସ୍ୟମାନଙ୍କ ବିଞ୍ଝାରପୁର ଥାନାରେ ଅଭିଯୋଗ କ୍ରମେ ପୋଲିସ ୨୨୮/୨୦ ନମ୍ବରରେ ଏକ ନିଖୋଜ ମାମଲା ରୁଜୁ କରିଛି। କିନ୍ତୁ ଏଯାଏ ପିହୁର ସନ୍ଧାନ ମିଳିପାରୁନାହିଁ। ପିହୁର ମା' ମୋନାଲିସା ନାୟକ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇ ଝିଅକୁ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିନାହିଁ। ପୋଲିସ ପ୍ରଶାସନର ହାଲୁକା ମନୋଭାବକୁ ଦୃଷ୍ଟିରେ ରଖି ପିହୁଙ୍କ ମା'ଗତ ଜୁନ୍ ୧୫ରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନୁଯାୟୀ ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ଓଡ଼ିଶା ଡିଜିପିଙ୍କୁ ଗତ ଅଗଷ୍ଟ ୧୮ରେ ନିର୍ଦ୍ଦେଶ ଦେଇଥିଲେ। ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ମୋନାଲିସା ଗତ ୧୪ ତାରିଖରେ ପୁଣି ଥରେ କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରି ହସ୍ତକ୍ଷେପ ଲୋଡ଼ିଛନ୍ତି।

# ରାମ ମନ୍ଦିରରେ ରହିବ କୋଣାର୍କ ଡିଜାଇନ

## ସୂର୍ଯ୍ୟାଲୋକରେ ଆଲୋକିତ ହେବ ଗର୍ଭଗୃହ

**ଅଯୋଧ୍ୟା, ୧୭।୧୦**

ତ୍ରୟୋଦଶ ଶତାବ୍ଦୀର ସୂର୍ଯ୍ୟମନ୍ଦିର ତଥା ଓଡ଼ିଶାରେ ଥିବା ବିଶ୍ୱପ୍ରସିଦ୍ଧ କୋଣାର୍କ ଡିଜାଇନ୍ ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ରାମମନ୍ଦିରରେ ରହିବ। ପ୍ରତି ରାମନବମୀରେ ରାମମନ୍ଦିର ଗର୍ଭଗୃହ ଏବଂ ମୂର୍ତ୍ତିରେ ସୂର୍ଯ୍ୟକିରଣ ପଡ଼ିବ ବୋଲି ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ କାମେଶ୍ୱର ଚୌପାଲ କହିଛନ୍ତି। ଏ ନେଇ ଏକ ପ୍ରସ୍ତାବିତ ଡିଜାଇନ୍ ଅନୁସାରେ କାମ ଚାଲିଛି। ସୂର୍ଯ୍ୟକିରଣ ମନ୍ଦିରରେ ପହଞ୍ଚିବାରେ କୋଣାର୍କ ଥିବା ସୂର୍ଯ୍ୟ ମନ୍ଦିର ଏକ ଉଦାହରଣ। ଏହାକୁ ଅନୁକରଣ କରାଯାଇ ବୈଜ୍ଞାନିକ, ଜ୍ୟୋତିର୍ବିଦ ଏବଂ ଟେକ୍ନିସିଆନଙ୍କ ପରାମର୍ଶ କ୍ରମେ ରାମ ଲାଲାଙ୍କ ମୂର୍ତ୍ତିରେ ରାମନବମୀରେ ସୂର୍ଯ୍ୟକିରଣ ପଡ଼ିବା ଭଳି ଶୈଳୀରେ ମନ୍ଦିର ନିର୍ମାଣ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

୨୦୨୩ ଡିସେମ୍ବର ସୁଦ୍ଧା ଗର୍ଭଗୃହ ନିର୍ମାଣ ଶେଷ ହେବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ସୁବିଧା ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ନେଇ ବିଶେଷଜ୍ଞଙ୍କ ଏକ ଟିମ୍ ଗଠନ ହୋଇଛି। ଏଥିରେ ଦିଲ୍ଲୀ ଆଇଆଇଟି, ମୁମ୍ବାଇ ଏବଂ ରୁର୍କୀ ଆଇଆଇଟି ସମେତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଲ୍ଡିଂ କନଷ୍ଟ୍ରକଶନ୍‌ର ବିଶେଷଜ୍ଞ ରହିଛନ୍ତି। ମନ୍ଦିର ନିର୍ମାଣ ପୂର୍ବରୁ ଏହାର ଭୌଗଳିକ ସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ମାଣ କାମ ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ନଭେମ୍ବର ୧୫ଠାରୁ ଆରମ୍ଭ ହେବ ବୋଲି ଟ୍ରଷ୍ଟର ଆଉଜଣେ ବରିଷ୍ଠ ସଦସ୍ୟ ସୂଚନା ଦେଇଛନ୍ତି। ପୂର୍ବରୁ ଧାର୍ଯ୍ୟ ମଡେଲରେ କିଛି ପରିବର୍ତ୍ତନ କରାଯାଇଥିବା ଚୌପାଲ କହିଛନ୍ତି। ମନ୍ଦିରରେ ଏକ ମ୍ୟୁଜିୟମ, ଅଡିଟୋରିୟମ, ଗୋଶାଳା, ପର୍ଯ୍ୟଟନ କେନ୍ଦ୍ର, ପ୍ରଶାସନିକ ବିଲ୍ଡିଂ, ଯୋଗ କେନ୍ଦ୍ର ସମେତ ଅନ୍ୟାନ୍ୟ ସୁବିଧା ରହିବ ବୋଲି ସେ ସୂଚନା ଦେଇଛନ୍ତି।



# ୩ ଏନ୍‌ଏଚ୍‌ରେ ୧୦୦ ବ୍ଲାକ୍‌ସ୍ପଟ୍

## ଦୁର୍ବଳ ରକ୍ଷଣାବେକ୍ଷଣ ଦୁର୍ଘଟଣା ପାଇଁ ଦାୟୀ: କମିଟି

**ଯାଜପୁର ଅଫିସ,୧୭।୧୦**

ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସମ୍ପର୍କରେ ୨୦୨୦ ଡିସେମ୍ବରରେ ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ଲାକ୍‌ସ୍ପଟ୍ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ରାଜ୍ୟ ସରକାର ଅତି ଗୁରୁତର ଭାବେ ଗ୍ରହଣ କରି ଏକ ଅଭିଜ୍ଞ କମିଟି ଗଠନ କରିଛନ୍ତି। ଏଥିରେ ନ୍ୟାଶନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ), ରାଜ୍ୟ ସରକାରଙ୍କ ନିର୍ମାଣ ଓ ପରିବହନ ବିଭାଗର ପ୍ରମୁଖ ଅଧିକାରୀ ସାମିଲ ହୋଇଛନ୍ତି। ଏହି କମିଟି ଦ୍ୱାରା ୫୩, ୧୬ ଓ ୩୧୬ ନମ୍ବର ଜାତୀୟ ରାଜପଥରେ ୧୦୦ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ କରିଛନ୍ତି। ଏହାସହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ନିୟନ୍ତ୍ରଣ କରିବାକୁ କମିଟି ଏକ ଦୀର୍ଘସ୍ଥାୟୀ ଓ କ୍ଷଣସ୍ଥାୟୀ ପ୍ରସ୍ତାବ ଦେଇଛି। ବିଶେଷକରି ଜାତୀୟ ରାଜପଥର ଦୁର୍ବଳ ରକ୍ଷଣାବେକ୍ଷଣ, ରାସ୍ତାକଡ଼ରେ ବେଆଇନ ଟ୍ରକ ପାର୍କିଂ, ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଚଳ, ରାସ୍ତାରେ ଉପଯୁକ୍ତ ସଂକେତର ଅଭାବ, ତ୍ରୁଟିପୂର୍ଣ୍ଣ ନିର୍ମାଣ ଇତ୍ୟାଦି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି କମିଟି ପକ୍ଷରୁ ରିପୋର୍ଟ ଦିଆଯାଇଛି। ଏହି ରିପୋର୍ଟକୁ ଆଧାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ମାଣ ବିଭାଗର ସଚିବଙ୍କୁ ପରିବହନ କମିଶନର ନିର୍ଦ୍ଦେଶ ଜାରି କରିଛନ୍ତି।



ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁସାରେ ରାଜ୍ୟରେ ୨୦୧୪ରେ ୩୯୩୧ ଏବଂ ୨୦୧୯ରେ ୫୩୩୩ ଜଣଙ୍କ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି, ଯାହାକି ଏହି ୫ ମଧ୍ୟରେ ୩୬% ଅଧିକ। ଏଥିଯୋଗୁ ଦେଶରେ ଓଡ଼ିଶା ଦୁର୍ଘଟଣାଜନିତ ମୃତ୍ୟୁରେ ୧୬ରୁ ୧୨ ର୍ୟାଙ୍କକୁ ବୃଦ୍ଧି ଘଟିଛି। ସୁପ୍ରିମ୍‌କୋର୍ଟ ପକ୍ଷରୁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ଉପରେ ଏକ କମିଟି ଗଠନ ହୋଇଛି। ଏହି କମିଟି ଓଡିଶାରେ ସଡ଼କ ଦୁର୍ଘଟଣାର ମୃତ୍ୟୁହାରକୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇ ଆସୁଛି। କିନ୍ତୁ ପ୍ରଶାସନିକସ୍ତରରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସୁପ୍ରିମ୍‌କୋର୍ଟ ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶ ପାଣିର ଗାର ହୋଇଛି। ତେବେ ଅଭିଜ୍ଞ କମିଟିର କ୍ଷେତ୍ର ପରିଦର୍ଶନ ରିପୋର୍ଟ ଅନୁସାରେ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ଦୁହୁରିଆ ଛକ ଓ ବଡ଼ ପାଲଗଡ଼ା, ୧୬ ନମ୍ବର ଜାତୀୟ ରାଜପଥର ହଂସପାଳ ଛକ, ଭୁବନେଶ୍ୱର ପଲାଶୁଣୀ ଛକ, ବରମୁଣ୍ଡା ଫ୍ଲାଏଓଭର ଅଞ୍ଚଳ, ରାମାମଣି ପେଟ୍ରୋଲ ପମ୍ପ, ଖଣ୍ଡଗିରି ଛକ, କୋଲଥିଆ ଛକ, ଆଇଗଣିଆ ଛକ, ପାତ୍ରପଡ଼ା ଛକ, କଳିଙ୍ଗବିହାର ଛକ, ତମାଣ୍ଡୋ ଓଭରବ୍ରିଜ, ଗୋହରିଆ ଛକ, ବାଟଭୁଆସୁଣୀ ଛକ ଓ ଗଙ୍ଗପଡ଼ା ଛକ, ୩୧୬ ଜାତୀୟ ରାଜପଥର ଦାସିଆ ବାଉରି ପୀଠ, ପଚ୍ଚନାୟକିଆ ଛକ ☞ପୃଷ୍ଠା-୨

# ହୀରାକୁଦ ସ୍ପିଲ୍‌ୱେ ନୂତନ ଟେଣ୍ଡରକୁ ଅନୁମୋଦନ

- ■ ବ୍ୟୟ ଅଟକଳ ବୃଦ୍ଧି ■ ଖୁବ୍‌ଶୀଘ୍ର କାମ ଆରମ୍ଭ

**ସମ୍ବଲପୁର,୧୭।୧୦(ବ୍ୟୁରୋ)**



ହୀରାକୁଦ ଡ୍ୟାମ

ପ୍ରାୟ ୨ବର୍ଷ ହେବ ବନ୍ଦ ରହିଥିବା ହୀରାକୁଦ ଜଳଭଣ୍ଡାରର ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାର ଆଶା ଉଜ୍ଜୀବିତ ହୋଇଛି। ରାଜ୍ୟ ସରକାର ଓ ଠିକାଦାରଙ୍କ ମଧ୍ୟରେ ବ୍ୟୟ ଅଟକଳ ଏବଂ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ବିବାଦ ହୋଇ ନିର୍ମାଣ କାମ ସମ୍ପୂର୍ଣ୍ଣ ବନ୍ଦ ଥିଲା। ତେବେ ରାଜ୍ୟ ସରକାରଙ୍କ ପ୍ରଶାସନିକ ବିଭାଗ ପକ୍ଷରୁ ବ୍ୟୟ ଅଟକଳ ବୃଦ୍ଧି ଓ ନୂତନ ଟେଣ୍ଡର ଆହ୍ୱାନ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ(ଅପର ବେସିନ) ଆଲୋକ ଚନ୍ଦ୍ର ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଟାଟା ପ୍ରୋଜେକ୍ଟ ଓ ତୁର୍କୀର ଏଜିଇ କମ୍ପାନୀ ଏହି କାମ କରୁଥିଲେ। ଏଥିପାଇଁ ୩୬୯.୫୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ୨୦୧୯ ମସିହାରେ କାମ ଆରମ୍ଭ କରି କିଛିମାସ ପରେ ବିଭିନ୍ନ ସମସ୍ୟାର ଆଳ ଦେଖାଇ ପ୍ରକଳ୍ପରୁ କମ୍ପାନି ଓହରି ଯାଇଥିଲା। ସେହିଦିନଠାରୁ କାମ ବନ୍ଦ ରହିଥିଲା। ବର୍ତ୍ତମାନ ପୁଣି ଥରେ ରିଭାଇଜ ଏଷ୍ଟିମେଟ କରାଯାଇ ୬୩୪.୨୧ କୋଟିକୁ ବୃଦ୍ଧି କରାଯାଇଛି। ଏହା ୪ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ବୋଲି ସେ କହିଛନ୍ତି। ବୃହତ୍ତମ ମାଟିବନ୍ଧ ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ଯୋଜନା କରାଯାଇଥିଲା। ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ଘଟଣାକୁ ନେଇ କମ୍ପାନୀ କାମ ବନ୍ଦ କରି ଜଳସମ୍ପଦ ବିଭାଗ ଉପରେ ପ୍ରାୟ ୪୯ କୋଟିର କ୍ଷତିପୂରଣ ଦାବି କରିଥିଲା। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ପକ୍ଷରୁ ମଧ୍ୟ କାମରେ ଅବହେଳା କରିବା, ଟେଣ୍ଡର ପାଇ ଏଗ୍ରିମେଣ୍ଟ ପରେ ବି ବିଳମ୍ବ କରିବାରୁ ଟାଟା କମ୍ପାନୀ ବିରୋଧରେ ଆଇନ ଅନୁସାରେ ୪୧୯ କୋଟି ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା। ଏଭଳି ଭାବେ କମ୍ପାନୀ ଓ ସରକାର ମୁହାଁମୁହିଁ ହୋଇଥିଲେ। ଟାଟା କମ୍ପାନୀକୁ ବାରମ୍ବାର ଜଳସମ୍ପଦ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। କମ୍ପାନୀ ଓ ସଚିବ ସ୍ତରରେ ଏ ନେଇ ଆଲୋଚନା ହୋଇଥିଲେ ହେଁ ☞ପୃଷ୍ଠା-୨

# ଶ୍ରମିକଙ୍କୁ ଢାଲ କରି ଖଣିଜ ଚୋରି

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୧୭।୧୦**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ରେ ଖଣିମାଫିଆଙ୍କ କାର୍ଯ୍ୟକଳାପ ଦିନକୁ ଦିନ ସୀମା ଲଂଘିବାରେ ଲାଗିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଏଭଳି ବେଆଇନ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ଅକ୍ଷମ। ଖଣିମାଫିଆମାନେ ଶ୍ରମିକଙ୍କୁ ନିୟୋଜିତ କରି କାମ କରାଇବା ବଦଳରେ ବଡ ବଡ ମେଶିନ ସାହାଯ୍ୟରେ ବ୍ଲାଷ୍ଟିଂ ଓ ପଥରଭଙ୍ଗା କାର୍ଯ୍ୟ କରୁଛନ୍ତି। ଖଣି ବନ୍ଦ ହେଲେ ଶ୍ରମିକଙ୍କ ଜୀବିକା ଠପ୍ ହୋଇଯିବାର ବାହାନା କରାଯାଉଛି। ମଝିରେ ମଝିରେ କେତେଜଣ ଗ୍ରାମବାସୀଙ୍କୁ ପଇସାପତ୍ର ଦେଇ ଖଣି ଚାଲୁ ବୋଲି ହୋହଲ୍ଲା କରି ରାଜ୍ୟସ୍ତର ଅଧିକାରୀଙ୍କ ଭ୍ରମ ସୃଷ୍ଟି କରାଯାଉଛି। ଏବେ ପର୍ଯ୍ୟଟନ ବିଭଗ ତରଫରୁ ପାହାଡ଼ରେ ରହୁଥିବା ଜୀବଜନ୍ତୁଙ୍କ ପାଇଁ ଜଳସଂରକ୍ଷଣ ବ୍ୟବସ୍ଥା ଓ ପର୍ଯ୍ୟଟକଙ୍କ ପାଇଁ ଜଳପ୍ରପାତ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା କରାଯାଉଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ଖଣିମାଫିଆ, ପ୍ରଶାସନ ଓ କିଛି ସ୍ଥାନୀୟ ନେତୃବୃନ୍ଦ ମସୁଧା ଚଳାଇଛନ୍ତି। ଯଦି କୌଣସି ପରିସ୍ଥିତିରେ ପ୍ରପାତ କିମ୍ବା ଜଳସଂରକ୍ଷଣ ପ୍ରକଳ୍ପକୁ ବନ୍ଦ କରାଯାଏ, ତେବେ ସ୍ଥାନୀୟ ଜନସାଧାରଣ, ପରିବେଶବିତ୍, ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।

### ପ୍ରକଳ୍ପ ବନ୍ଦ ଲାଗି ମସୁଧା

ଶାରୀଶୁଆ ପାହାଡ଼ର ବିଭିନ୍ନ ଖଣିରେ ବ୍ଲାଷ୍ଟିଂ ଯୋଗୁ ୨୦ବର୍ଷ ମଧ୍ୟରେ ବିଭିନ୍ନ ଗ୍ରାମକୁ ଜୀବଜନ୍ତୁ ପଶିଆସି ପ୍ରାଣ ହରାଇଛନ୍ତି। ହାତୀ ଆକ୍ରମଣରେ ଜୀବନହାନି ହେବା ସହ ବହୁ ଗ୍ରାମବାସୀ ବନ୍ୟଜନ୍ତୁ ଆକ୍ରମଣରେ ଆହତ ହୋଇଛନ୍ତି। ବ୍ଲାଷ୍ଟିଂ ଯୋଗୁ ଗୁଆପାଳ ଗ୍ରାମର ସପନା ନାଇକଙ୍କ ଭଳି ଗ୍ରାମବାସୀଙ୍କ ଜୀବନ ଯାଇଛି। ପୂର୍ବରୁ ନିଲାମ ଦିଆଯାଉଥିବା ୯୬ଟି ଖଣି ହାତୀ ଚଲାପଥ ମଧ୍ୟରେ ଆସୁଥିବାରୁ ☞ପୃଷ୍ଠା-୨



ପ୍ରପାତ ଜଳକୁ ଅଟକାଇ ପାହାଡ଼ କାଟି ଜଙ୍ଗଲଜମିରେ ରାସ୍ତା ନିର୍ମାଣ କରାଯାଉଛି।

ଧରିତ୍ରୀ
DHARITRI
ସୋମବାର, ୧୮ ଅକ୍ଟୋବର, ୨୦୨୧

**ଚାଇନାର ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା**

ଚାଇନା ଗତ ଅଗଷ୍ଟ ମାସରେ ଆଣବିକ ଶକ୍ତିସମ୍ପନ୍ନ ସୁପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବା ପୂର୍ବରୁ ପୃଥିବୀକୁ ପରିକ୍ରମା କରିଥିଲା। ତେବେ ଏହା ଲକ୍ଷ୍ୟଭେଦ କରିପାରି ନ ଥିବା ୩ଟି ସୂତ୍ରରୁ ଜଣାପଡିଛି। ଚାଇନା ବ୍ୟତୀତ ଆମେରିକା, ରୁଷିଆ ଓ ଅନ୍ୟ ୫ଟି ଦେଶ ହାଇପରସୋନିକ୍ ଟେକ୍ନୋଲୋଜି ଉପରେ କାମ କରୁଛନ୍ତି। ହାଇପରସୋନିକ୍ କ୍ଷେପଣାସ୍ତ୍ର ଶବ୍ଦ ବେଗଠାରୁ ୫ ଗୁଣ ବେଗରେ ଗତିକରିଥାଏ।



## ସଂକ୍ଷେପରେ

### କେବଳ ହିନ୍ଦୁଙ୍କ ଲାଗି ନିଯୁକ୍ତି ବିଜ୍ଞାପନକୁ ନେଇ ଉତ୍ତେଜନା

**ଚେନ୍ନାଇ, ୧୭।୧୦(ଆଇଏଏନ୍ଏସ୍):** ହିନ୍ଦୁ ରିଲିଜିଅସ୍ ଆଣ୍ଡ ଚାରିଟେବଲ୍ ଏଣ୍ଡାଓମେଣ୍ଟ ପକ୍ଷରୁ ଏହାର ଏକ କଲେଜରେ ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ଗତ ୧୩ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା। ବିଜ୍ଞାପନରେ କେବଳ ହିନ୍ଦୁମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଇଥିବାରୁ ଏହାକୁ ନେଇ ତାମିଲନାଡୁରେ ଉତ୍ତେଜନା ଦେଖାଦେଇଛି। ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। କୋଲାଥୁରସ୍ଥିତ ଅରୁଲମିଗୁ କପାଲିଶ୍ୱରର ଆର୍ଟ୍ସ ଆଣ୍ଡ ସାଇନ୍ସ କଲେଜରେ ବିଭିନ୍ନ ଶିକ୍ଷକ ଓ ଅଣଶିକ୍ଷକ ପଦବୀରେ ନିଯୁକ୍ତି ଲାଗି କେବଳ ହିନ୍ଦୁମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ହିନ୍ଦୁ ରିଲିଜିଅସ୍ ଆଣ୍ଡ ଚାରିଟେବଲ୍ ଏଣ୍ଡାଓମେଣ୍ଟ ବିଭାଗ ଅଧୀନରେ ୩୬ ସ୍କୁଲ, ୫ ଆର୍ଟ୍ସ ଓ ସାଇନ୍ସ କଲେଜ ଏବଂ ଗୋଟିଏ ପଲିଟେକ୍ନିକ କଲେଜ ରହିଛି। ତେବେ ପ୍ରଥମ ଥର ଲାଗି ନିଯୁକ୍ତି କେବଳ ହିନ୍ଦୁମାନଙ୍କ ଲାଗି ସଂରକ୍ଷିତ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିବା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ପୂର୍ବତନ ସଭାପତି କେ. ପାଣ୍ଡ୍ୟାନ୍ କହିଛନ୍ତି। ସରକାରୀ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଏଭଳି ପାତରଅନ୍ତର କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

### ପୁଅକୁ ୧୮ ବର୍ଷ ହେଲେ ବାପାଙ୍କ ଦାୟିତ୍ୱ ସରିଯିବ ନାହିଁ: ହାଇକୋର୍ଟ

**ନୂଆଦିଲ୍ଲୀ, ୧୭।୧୦(ପି.ଟି.):** ପୁଅ ସାବାଳକ ବୟସରେ ପହଞ୍ଚିବା କ୍ଷଣି ତାଙ୍କ ଶିକ୍ଷା ଖର୍ଚ୍ଚ ବହନ କରିବା ଦାୟିତ୍ୱରୁ ବାପା ଓହରିଯାଇ ପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ପିଲାଙ୍କ ମାଆ ସମ୍ପୂର୍ଣ୍ଣ ଶିକ୍ଷା ଖର୍ଚ୍ଚ ବହନ କରିପାରିବେ ନାହିଁ। ତେଣୁ ପିଲା ସମାଜରେ ଚଳିବା ଭଳି ସ୍ଥିତିରେ ପହଞ୍ଚିବା ପର୍ଯ୍ୟନ୍ତ ବାପାଙ୍କୁ ଆର୍ଥିକ ଭାର ବହନ କରିବାକୁ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ପୁଅ ୧୮ ବର୍ଷରେ ପହଞ୍ଚିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଏବଂ ନିଜେ ବଞ୍ଚିବା ଲାଗି ସମର୍ଥ ହୋଇ ନ ଥାଇପାରେ। ପିଲାଙ୍କ ପାଇଁ ନିଜର ସମ୍ବଳ ଖର୍ଚ୍ଚ କରିସାରିଥିବା ମାଆଙ୍କୁ କ୍ଷତିପୂରଣ ଦେବା ଲାଗି ବାପା ବାଧ ବୋଲି ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ସ୍ତ୍ରୀଙ୍କୁ ତାଙ୍କ ପୁଅ ସ୍ନାତକ ଶିକ୍ଷା ଶେଷ କରିବା କିମ୍ବା ରୋଜଗାର ଆରମ୍ଭ କରିବା ପର୍ଯ୍ୟନ୍ତ ମାସିକ ୧୫,୦୦୦ ଟଙ୍କା ଭରଣପୋଷଣ ଖର୍ଚ୍ଚ ଦେବା ଲାଗି ଏକ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସ୍ୱାମୀ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

### ୨୫ ମହଲାରୁ ଖସି ଯାଆଁଳା ଭାଇଙ୍କ ମୃତ୍ୟୁ

**ଗାଜିଆବାଦ, ୧୭।୧୦:** ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଏକ ଆପାର୍ଟମେଣ୍ଟର ୨୫ ମହଲାରୁ ଖସି ୧୪ ବର୍ଷର ଦୁଇ ଯାଆଁଳା ଭାଇଙ୍କ ମୃତ୍ୟୁ ଘଟିଛି। ସିଦ୍ଧାର୍ଥ ବିହାରସ୍ଥିତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରେ ଶନିବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଥିବାବେଳେ ସେମାନେ କିପରି ଖସିଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ କହିବା ଅନୁଯାୟୀ ପିଲାଙ୍କ ବାପା ଅଫିସ କାର୍ଯ୍ୟରେ ମୁମ୍ବାଇ ଯାଇଥିବାବେଳେ ଘରେ ସେମାନଙ୍କ ମାଆ ଓ ଭଉଣୀ ଥିଲେ। ଯାଆଁଳା ଭାଇ ସତ୍ୟନାରାୟଣ ଓ ସୂର୍ଯ୍ୟନାରାୟଣ ନବମ ଶ୍ରେଣୀରେ ପଢୁଥିଲେ।

# କେରଳରେ ବର୍ଷା ନେଲାଣି ୨୬ ଜୀବନ

**ଅନେକ ନିଖୋଜ**

**ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ**

**ନୂଆଦିଲ୍ଲୀ, ୧୭।୧୦**


ଭୂସ୍ଖଳନ ସ୍ଥାନରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

କେରଳରେ ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବନ୍ୟା ଓ ଭୂସ୍ଖଳନରେ ୩ ଶିଶୁଙ୍କ ସମେତ ୨୬ ଜଣଙ୍କ ଜୀବନ ଗଲାଣି। କେବଳ କୋଟ୍ଟାୟାମ ଜିଲାରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇଡୁକିରେ ୯ ଏବଂ ଆଲାପୁଝା ଜିଲାରେ ୪ ଜଣଙ୍କର ମୃତ୍ୟୁ ହୋଇଛି। କୁଟ୍ଟିକାଲରେ ଭୂସ୍ଖଳନରେ କୋଠା ଭୁଶୁଡ଼ି ପଡ଼ିବାରୁ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଶନିବାର ମିଳିଥିବାବେଳେ ରବିବାର ଅନ୍ୟ ୩ ଜଣଙ୍କ ମୃତଦେହ ଠାବ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସୈନ୍ୟବାହିନୀ, ଏନ୍‌ଡିଆର୍‌ଏଫ୍, ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସ୍ଥାନୀୟ ଲୋକେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି।

ଇଡୁକି ଜିଲାର କୋକାୟାର ଏବଂ କୋଟ୍ଟାୟାମ ଜିଲାର କୁଟ୍ଟିକାଲରେ ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ହେବାରୁ ଅନେକ ଲୋକ ନିଖୋଜ ହୋଇଯାଇଛନ୍ତି। ମାଟି ଅତଡ଼ା ତଳୁ ନିଖୋଜ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାବରିମାଳା ମନ୍ଦିରକୁ ସୋମବାର ପର୍ଯ୍ୟନ୍ତ ଭକ୍ତମାନଙ୍କ ଲାଗି ବନ୍ଦ କରିଦିଆଯାଇଛି। ପାହାଡ଼ିଆ ଅଞ୍ଚଳକୁ ନ ଯାଇ ଘରେ ରହିବା ଲାଗି ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି।

ରବିବାର ସକାଳୁ ବର୍ଷାର ପରିମାଣ କମିଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ଅନେକ ଅଞ୍ଚଳ ଜଳାର୍ଣ୍ଣବ ରହିଥିବାବେଳେ ହଜାର ହଜାର ଲୋକ ପାଣି ଘେରରେ ଅଛନ୍ତି। କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ନିରାପତ୍ତା ପାଇଁ ପ୍ରାର୍ଥନା କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। ବନ୍ୟାଞ୍ଚଳରୁ ଲୋକଙ୍କୁ ଉଦ୍ଧାର ଲାଗି ସମସ୍ତ ସାଧନର ବ୍ୟବହାର କରିବା ଲାଗି ସେ ପରାମର୍ଶ ଦେଇଥିଲେ। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ କୋଭିଡ୍ ପ୍ରୋଟୋକଲ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ୧୮ ତାରିଖରୁ ରାଜ୍ୟର କଲେଜଗୁଡ଼ିକ ଖୋଲିବାକୁ ଥିବାବେଳେ ଏହାକୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସମସ୍ତେ ସୁରକ୍ଷିତ ରହିବା ସହ ନିରାପତ୍ତା ନିୟମ ପାଳନ କରିବା ଲାଗି ୱାୟାନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଟୁଇଟ୍ କରିଛନ୍ତି।

ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରରେ ପାଣି ବଢ଼ିବାରୁ ମନିୟାର ଡ୍ୟାମ୍‌ର ଗେଟ୍‌ଗୁଡ଼ିକୁ ଖୋଲିଦିଆଯାଇଛି। କୋଟ୍ଟାୟାମ ଏବଂ ଇଡୁକି ଜିଲାରେ ଭୂସ୍ଖଳନ ହୋଇଥିଲା। ଖରାପ ପାଗ ଯୋଗୁ ଉକ୍ତ ଜିଲାରେ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଛି। ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ସ୍ଥଳସେନା, ନୌସେନା ଏବଂ ବାୟୁସେନା ଯବାନମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ୧୧ଟି ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। କାଭାଲି, କୋଟ୍ଟାୟାମରେ ମାଟି ଅତଡ଼ା ତଳୁ ନିଖୋଜମାନଙ୍କୁ ଯବାନ ଖୋଜୁଥିବାବେଳେ ନୌସେନା ହେଲିକପ୍ଟର ସହାୟତାରେ ବନ୍ୟାଞ୍ଚଳରେ ଆକାଶ ମାର୍ଗରୁ ରିଲିଫ ସାମଗ୍ରୀ ପକାଯାଉଛି। ବାୟୁସେନାର ଦୁଇଟି ହେଲିକପ୍ଟରକୁ ଷ୍ଟାଣ୍ଡବାଏ ରଖାଯାଇଛି।

ଠିକ୍ ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବିରୋଧୀ ଦଳ ନେତା ଭି.ଡି. ସାଥିସାନ ଅଭିଯୋଗ କରିଛନ୍ତି।

### ବିଜୟନଙ୍କ ସହ କଥାହେଲେ ମୋଦି

**ନୂଆଦିଲ୍ଲୀ, ୧୭।୧୦(ପି.ଟି.)**

କେରଳର ବର୍ଷା ଓ ଭୂସ୍ଖଳନ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ସହ ଆଲୋଚନା କରିଛନ୍ତି। ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଥିବାବେଳେ ମାଟି ଅତଡ଼ା ତଳୁ ନିଖୋଜଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟବାସୀଙ୍କ ସୁରକ୍ଷା ଓ ମଙ୍ଗଳ ପାଇଁ ସେ ପ୍ରାର୍ଥନା କରିଛନ୍ତି।

## ଉତ୍ତରାଖଣ୍ଡରେ ରେଡ୍ ଆଲର୍ଟ

### ବଦ୍ରିନାଥ ଯାତ୍ରା ସ୍ଥଗିତ

**ଡେରାଡୁନ୍, ୧୭।୧୦**

ଉତ୍ତରାଖଣ୍ଡରେ ସୋମବାର ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆଲର୍ଟ ଜାରି ହୋଇଥିବାବେଳେ ୧୭ ଓ ୧୯ ତାରିଖ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଫଳରେ ବଦ୍ରିନାଥ ଯାତ୍ରାକୁ ସ୍ଥଗିତ ରଖାଯିବା ସହ ସୋମବାର ଚାମୋଲି ଏବଂ ଉତ୍ତରକାଶୀରେ ସମସ୍ତ ସ୍କୁଲ ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପୋଲିସ ଅଧିକାରୀ, ଏସ୍‌ଡିଆର୍‌ଏଫ୍ ଏବଂ ଅନ୍ୟ ଅଧିକାରୀମାନଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସେହିପରି ବଦ୍ରିନାଥ ଯାତ୍ରାରେ ବାହାରିଥିବା ତୀର୍ଥଯାତ୍ରୀମାନଙ୍କୁ ନିରାପଦ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ପାଗ ଭଲ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଯୋଶିମଠ ଏବଂ ପଣ୍ଡୁକେଶ୍ୱରରେ ରହିବା ଲାଗି କୁହାଯାଇଛି।

### ଆଫଗାନିସ୍ତାନ ସ୍ଥିତି ନେଇ ଏନ୍‌ଏସ୍‌ଏ ବୈଠକ ଆୟୋଜନ କରିବ ଭାରତ

**ନୂଆଦିଲ୍ଲୀ, ୧୭।୧୦**

ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଭାରତ ଆସନ୍ତା ମାସରେ ଆଞ୍ଚଳିକ ଦେଶଗୁଡ଼ିକର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ମାନଙ୍କ ବୈଠକ ଆୟୋଜନ କରୁଛି। ଏଥିରେ ଚାଇନା, ପାକିସ୍ତାନ, ଇରାନ, ରୁଷିଆ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନର ଏନ୍‌ଏସ୍‌ଏମାନେ ଯୋଗଦେବେ। ବୈଠକକୁ ତାଲିବାନ ନେତାଙ୍କୁ ଆମନ୍ତ୍ରଣ କରାଯିବା ଯୋଜନା ନାହିଁ। ଅଗଷ୍ଟ ମଧ୍ୟଭାଗରେ ତାଲିବାନ କାବୁଲ ଦଖଲ କରିବା ପରେ ଭାରତ ପ୍ରଥମ ଥର ଲାଗି ଏଭଳି ଏକ ବୈଠକର ଆୟୋଜନ କରିବାକୁ ଯାଉଥିବା ଘଟଣା ସହ ଜଡ଼ିତ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ନଭେମ୍ବର ୧୦-୧୧ରେ ବୈଠକ ଅନୁଷ୍ଠିତ ହେବା ଆଶା କରାଯାଉଥିବାବେଳେ ଚାଇନା ଓ ପାକିସ୍ତାନ ଯୋଗ ଦେବା ନେଇ ମଧ୍ୟ କୌଣସି ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ, ଗତ ଏପ୍ରିଲରେ ଆଫଗାନିସ୍ତାନର ଅଶ୍ରଫ ଗନି ସରକାରଙ୍କ ସହ ବୈଠକ ପାଇଁ ଭାରତ ଯୋଜନା କରିଥିଲା। ତେବେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବାରୁ ଏହି ବୈଠକ ବନ୍ଦ ରହିଥିଲା।

### ଭଁୱରି ଦେବୀ ହତ୍ୟା ମାମଲା

### ମୁଖ୍ୟ ଅଭିଯୁକ୍ତ ମହିପାଲଙ୍କର କ୍ୟାନ୍‌ସରରେ ମୃତ୍ୟୁ



**ଯୋଧପୁର, ୧୭।୧୦(ପି.ଟି.)**

୨୦୧୧ର ବହୁଚର୍ଚ୍ଚିତ ଭଁୱରି ଦେବୀ ଅପହରଣ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରାଜସ୍ଥାନର ପୂର୍ବତନ ମନ୍ତ୍ରୀ ମହିପାଳ ମଦର୍ନାଙ୍କର ରବିବାର ପରଲୋକ ହୋଇଯାଇଛି। ସେ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଚେନ୍ନାଇରେ ଚିକିତ୍ସା ପରେ ସେ କିଛିଦିନ ହେଲା ଯୋଧପୁର ବାସଭବନରେ ରହି ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ପାରିବାରିକ ବନ୍ଧୁ ରାମ ପ୍ରକାଶ କହିଛନ୍ତି। ୨୦୦୮-୨୦୧୩ ଅଶୋକ ଗେହଲଟ ସରକାରରେ ମହିପାଲ ପବ୍ଲିକ୍ ହେଲ୍‌ଥ ଇଞ୍ଜିନିୟରିଂ ମନ୍ତ୍ରୀ ଥିଲେ। ୨୦୧୧ ସେପ୍ଟେମ୍ବରରେ ଏଏନ୍‌ଏମ୍ ଭଁୱରି ଦେବୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମହିପାଲଙ୍କୁ ସେହିବର୍ଷ ଅକ୍ଟୋବର ୧୬ରେ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ଗତବର୍ଷ ସେପ୍ଟେମ୍ବର ୧୮ରେ ତାଙ୍କୁ ଜାମିନରେ ଛଡ଼ାଯାଇଥିଲା। ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ସିବିଆଇ ୨୦୧୧ ଡିସେମ୍ବରରେ ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା। ତଳକୋର୍ଟରେ ଏହା ବିଚାରାଧୀନ ରହିଛି।

## ବାଂଲାଦେଶରେ ମନ୍ଦିର ଭଙ୍ଗାରୁଜା ଜାରି



ବାଂଲାଦେଶରେ ହିନ୍ଦୁମନ୍ଦିର ଭଙ୍ଗାରୁଜା ପ୍ରତିବାଦରେ ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁରସ୍ଥିତ ବାଲୁରଘାଟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଢାକା, ୧୭।୧୦**

ବାଂଲାଦେଶରେ ଦୁର୍ଗାପୂଜା ବେଳେ ଇସ୍‌ଲାମ ଧର୍ମ ପ୍ରତି ଅସମ୍ମାନ କରାଯାଇଥିବା ବାର୍ତ୍ତା ପ୍ରଚାର ହେବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ମନ୍ଦିର ଭଙ୍ଗାରୁଜା ଓ ହିଂସାକାଣ୍ଡ ଜାରି ରହିଛି। ଏହାର ପ୍ରତିବାଦରେ ସଂଖ୍ୟାଲଘୁମାନଙ୍କ ପକ୍ଷରୁ ଦେଶବ୍ୟାପୀ ଅନଶନ ଡାକରା ଦିଆଯାଇଛି। ଜଣେ ହିନ୍ଦୁ ଦେବତାଙ୍କ ଆଣ୍ଠୁ ଉପରେ କୋରାନ ରଖାଯାଇଥିବାର ଫଟୋ ପ୍ରସାରିତ ହେବା ପରେ ଏହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ସଂଖ୍ୟାଗରିଷ୍ଠ ମୁସଲମାନମାନେ କେତେକ ସ୍ଥାନରେ ଦୁର୍ଗାପୂଜା ପେଣ୍ଡାଲ ଭଙ୍ଗାରୁଜା କରିଥିଲେ। ଏହି ହିଂସା ପ୍ରାୟ ୧୨ଟି ଜିଲାକୁ ବ୍ୟାପିଥିଲା। ବୁଧବାର ହାଜିଗଞ୍ଜସ୍ଥିତ ଏକ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରୁଥିବା ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଗୁଳିଚାଳନା କରିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଦୁର୍ଗାପୂଜାର ଶେଷ ଦିନରେ ବେଗୁମଗଞ୍ଜ ସହରରେ ହିନ୍ଦୁମାନେ ଭସାଣି ଶୋଭାଯାତ୍ରା ବାହାର କରିବା ଲାଗି ପ୍ରସ୍ତୁତ ହେଉଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ମୁସଲମାନ ସେଠାରେ ପହଞ୍ଚି ଏକ ମନ୍ଦିର ଉପରେ ଆକ୍ରମଣ କରିବା ସହ ୨ ଜଣ ହିନ୍ଦୁଙ୍କୁ ହତ୍ୟା କରିଥିଲେ। ଶନିବାର ରାଜଧାନୀ ଢାକାଠାରୁ ୧୫୭ କିଲୋମିଟର ଦୂର ଫେନିଠାରେ ଏକ ହିନ୍ଦୁ ମନ୍ଦିର ଓ କେତେକ ଦୋକାନ ଭଙ୍ଗାଯିବା ସହ ଲୁଟ୍‌ପାଟ ହୋଇଛି। ସଂଘର୍ଷ ବେଳେ ଫେନି ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୪୦ ଜଣ ଆହତ ହୋଇଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳରେ ଅତିରିକ୍ତ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ନିୟୋଜିତ କରାଯାଇଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଅନଶନ ଡାକରା ଦିଆଯାଇଛି। ୨୩ ତାରିଖରୁ ଅନଶନରେ ବସିବା ଲାଗି ଚିଟାଗଙ୍ଗସ୍ଥିତ ବାଂଲାଦେଶ ହିନ୍ଦୁ ବୌଦ୍ଧ ଖ୍ରୀଷ୍ଟିଆନ ଏକତା ପରିଷଦ ପକ୍ଷରୁ ଘୋଷଣା କରାଯାଇଛି।

**ଦେଶବ୍ୟାପୀ ଅନଶନ ଡାକରା ଦେଲେ ସଂଖ୍ୟାଲଘୁ**

## ୬ ଦିନିଆ ରିମାଣ୍ଡରେ ୩ ଅଭିଯୁକ୍ତ

**ସିଂଘୁ ସୀମାରେ ଶିଖ୍‌ଙ୍କୁ ହତ୍ୟା ଘଟଣା**

**ନୂଆଦିଲ୍ଲୀ, ୧୭।୧୦**

ହରିୟାଣା-ଦିଲ୍ଲୀର ସିଂଘୁ ସୀମାରେ ଦଳିତ ଶିଖ୍ ଲଖବୀର ସିଂଙ୍କୁ ହତ୍ୟା ମାମଲାରେ ଗିରଫ ହୋଇଥିବା ନାରାୟଣ ସିଂ, ଭଗୱନ୍ତ ସିଂ ଏବଂ ଗୋବିନ୍ଦ ସିଂଙ୍କୁ ପୋଲିସ ୬ ଦିନ ପାଇଁ ରିମାଣ୍ଡରେ ନେଇଛି। ଏହି ୩ ଜଣଙ୍କୁ ରବିବାର ହରିୟାଣା ସୋନିପତର ଏକ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ସେମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଘଟଣାରେ ପ୍ରଥମେ ଆତ୍ମସମର୍ପଣ କରିଥିବା ଅଭିଯୁକ୍ତ ସର୍ବଜିତ୍ ସିଂଙ୍କ ସମେତ ଉକ୍ତ ୩ ଜଣଙ୍କୁ ହରିୟାଣା ପୋଲିସ ପଞ୍ଜାବକୁ ନେଇ ଅନ୍ୟ ଅଭିଯୁକ୍ତଙ୍କ ଚିହ୍ନଟ କରିବ। ପୂର୍ବରୁ ସର୍ବଜିତ୍‌ଙ୍କୁ ପୋଲିସ ୭ ଦିନିଆ ରିମାଣ୍ଡରେ ନେଇଛି।

ହତ୍ୟାରେ ବ୍ୟବହୃତ ଅସ୍ତ୍ର ଏବଂ ରକ୍ତଦାଗ ଥିବା ପୋଷାକ ଏ ପର୍ଯ୍ୟନ୍ତ ଜବତ ହୋଇ ନାହିଁ। ତେଣୁ ଅଭିଯୁକ୍ତଙ୍କୁ ଏଥିପାଇଁ ଘଟଣାସ୍ଥଳକୁ ନେବା ଆବଶ୍ୟକ ବୋଲି ହରିୟାଣା ପୋଲିସ କୋର୍ଟରେ କହିଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ନାଁ ଜାଣି ନ ଥିବାରୁ ଗିରଫ ଅଭିଯୁକ୍ତମାନେ ସେମାନଙ୍କ ମୁହଁ ଦେଖି ଚିହ୍ନଟ କରିବାକୁ କହିଥିବା ମଧ୍ୟ ପୋଲିସ ଜଣାଇଥିଲା। ଏସବୁ ଦୃଷ୍ଟିରୁ ଅଭିଯୁକ୍ତଙ୍କୁ ନେଇ ପଞ୍ଜାବ ଯିବାକୁ ପଡ଼ିପାରେ କୋର୍ଟରେ ପୋଲିସ ଜଣାଇଥିଲା। ସୂଚନାଯୋଗ୍ୟ, ଶିଖ୍ ଧର୍ମଗ୍ରନ୍ଥକୁ ଅପମାନିତ କରିଥିବା କହି ଗୁରୁବାର ବିଳମ୍ବିତ ରାତିରେ ନିହଙ୍ଗ ଶିଖ୍‌ମାନେ ଲଖବୀରଙ୍କୁ ଭିଡ଼ହିଂସାରେ ହତ୍ୟା କରିଥିଲେ। ତାଙ୍କ ହାତଗୋଡ଼ କାଟି ମୃତଦେହକୁ ଦିଲ୍ଲୀ-ହରିୟାଣା ସିଂଘୁ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନସ୍ଥଳୀ ନିକଟ ବ୍ୟାରିକେଡ୍‌ରେ ଟାଙ୍ଗି ଦେଇଥିଲେ।

## ବାପା ସାମ୍ନାରେ ଝିଅକୁ ମାରିଦେଲା ଚିତାବାଘ

**ସିଓନି (ମଧ୍ୟପ୍ରଦେଶ), ୧୭।୧୦**

ମଧ୍ୟପ୍ରଦେଶର ସିଓନି ଜିଲାରେ ବାପାଙ୍କ ଆଖି ଆଗରେ ତାଙ୍କ ୧୬ ବର୍ଷର ଝିଅକୁ ଚିତାବାଘ ଝାମ୍ପିନେଇ ମାରିଦେଇଛି। ଶନିବାର ଅପରାହ୍ନରେ ପାଣ୍ଡିୱାଡ଼ା ଗ୍ରାମ ନିକଟବର୍ତ୍ତୀ କାହ୍ନିୱାଡ଼ା ଜଙ୍ଗଲ ମଧ୍ୟରେ ଏଭଳି ଅଘଟଣ ଘଟିଥିବା ବନ ବିଭାଗ ରେଞ୍ଜର ଯୋଗେଶ ପଟେଲ କହିଛନ୍ତି। ରବିନା ଯାଦବ ଓ ତାଙ୍କ ବାପା ଗୋରୁ ଚରାଇବାକୁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ଚିତାବାଘଟି ପଛପଟୁ ଆସି ନାବାଳିକାଙ୍କ ବେକକୁ ଧରିଥିଲା। ଝିଅକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ବାପା ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଚିତ୍କାର ଶୁଣି ପାଖ ଅଞ୍ଚଳରୁ ଲୋକେ ପହଞ୍ଚିଯିବାରୁ ବାଘ ମୃତଦେହ ଛାଡ଼ି ପଳାଇଯାଇଥିଲା।


ହିମାଚଳପ୍ରଦେଶର କୁଲ୍ଲୁଠାରେ ଅନୁଷ୍ଠିତ 'କୁଲ୍ଲୁ ଦଶହରା' ଅବସରରେ ବାଦ୍ୟ ପରିବେଷଣ କରାଯାଉଛି।

## ୧୭ ଆମେରିକୀୟ ମିଶନାରୀଙ୍କୁ ଅପହରଣ

**ପୋର୍ଟ-ୟୁ-ପ୍ରିନ୍ସ, ୧୭।୧୦**



ହାଇତି ରାଜଧାନୀ ପୋର୍ଟ-ୟୁ-ପ୍ରିନ୍ସରେ ୧୭ ଆମେରିକୀୟ ଖ୍ରୀଷ୍ଟିଆନ ମିଶନାରୀ (ଧର୍ମ ପ୍ରଚାରକ) ଏବଂ ସେମାନଙ୍କ ପରିବାରକୁ ଶନିବାର ଅପହରଣ କରାଯାଇଛି। ଅପହୃତଙ୍କ ମଧ୍ୟରେ ଛୋଟ ପିଲା ମଧ୍ୟ ରହିଛନ୍ତି। ଏକ ଅନାଥାଶ୍ରମରୁ ବାହାରି ବିମାନବନ୍ଦର ଅଭିମୁଖେ ଯାଉଥିବାବେଳେ ସେମାନଙ୍କୁ ଦୁର୍ବୃତ୍ତମାନେ ଉଠାଇନେଇଥିଲେ। ଅପହରଣକାରୀ ଗୋଷ୍ଠୀ ପୋର୍ଟ-ୟୁ-ପ୍ରିନ୍ସ ଏବଂ ଡୋମିନିକାନ ରିପବ୍ଲିକ୍ ସୀମା ମଧ୍ୟରେ ଦୀର୍ଘଦିନରୁ ଅନେକ ଚୋରି, ଡକାୟତି, ଅପହରଣ ମାମଲାରେ ସମ୍ପୃକ୍ତ ଅଛନ୍ତି। ଅପହୃତ ମିଶନାରିମାନେ ହାଇତିରେ ଏକ ଅନାଥାଶ୍ରମ ନିର୍ମାଣ କରୁଥିଲେ ବୋଲି ଆମେରିକୀୟ ଖ୍ରୀଷ୍ଟିଆନ ସହଯୋଗୀ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଧାର୍ମିକ ମିଶନକୁ ବାର୍ତ୍ତା ଦିଆଯାଇଛି। ଅପହରଣ ରିପୋର୍ଟ ମିଳିବା ପରେ ଏହାର ତଦନ୍ତ ଚାଲିଥିବା ଆମେରିକା ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି। ଆଫ୍ରିକାର ସବୁଠାରୁ ଗରିବ ଦେଶମଧ୍ୟରୁ ଅନ୍ୟତମ ହାଇତିରେ ଅସ୍ତ୍ରଶସ୍ତ୍ରଧାରୀ ଡକାୟତ ଓ ଅପହରଣକାରୀ ଗୋଷ୍ଠୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜୁଲାଇ ୭ରେ ହାଇତି ରାଷ୍ଟ୍ରପତି ଜୋଭେନେଲ ମୋଇସିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ପରେ ଅଗଷ୍ଟରେ ୭.୨ ତୀବ୍ରତାର ଭୂମିକମ୍ପ ଯୋଗୁ ୨ ହଜାରରୁ ଊର୍ଦ୍ଧ୍ୱ ହାଇତିବାସୀଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇ ଘଟଣା ପରଠାରୁ ହାଇତିରେ ଅପହରଣ ସଂଖ୍ୟା ବୃଦ୍ଧିପାଇଛି। ଅପହରଣକାରୀ ଅପହୃତଙ୍କ ପରିବାରଠାରୁ ବିପୁଳ ମାତ୍ରାରେ ଅର୍ଥ ଦାବି କରୁଛନ୍ତି। ୨୦୨୧ରେ ସେପ୍ଟେମ୍ବର ସୁଦ୍ଧା ହାଇତିରେ ୬ଶହରୁ ଊର୍ଦ୍ଧ୍ୱ ଅପହରଣ ମାମଲା ରୁଜୁ ହୋଇଛି। ସମାନ ସମୟରେ ଗତ ବର୍ଷ ଏହି ସଂଖ୍ୟା ୨୩୧ ଥିଲା।

### ଆମେରିକା: ଟ୍ରେନ୍‌ରେ ମହିଳାଙ୍କୁ ବଳାତ୍କାର

**ୱାଶିଂଟନ, ୧୭।୧୦**

ଆମେରିକାର ଦକ୍ଷିଣପୂର୍ବ ପେନ୍‌ସିଲଭାନିଆ ପରିବହନ କର୍ତ୍ତୃପକ୍ଷ (ଏସ୍‌ଇପିଟିଏ)ଙ୍କ ଦ୍ୱାରା ମାର୍କେଟ ଓ ଫ୍ରାଙ୍କଫୋର୍ଡ ମଧ୍ୟରେ ଚଳାଚଳ କରୁଥିବା ଏକ ଟ୍ରେନ୍‌ରେ ଜଣେ ମହିଳାଙ୍କୁ ଅନ୍ୟ ଯାତ୍ରୀମାନଙ୍କୁ ସମ୍ମୁଖରେ ବଳାତ୍କାର କରାଯାଇଛି। ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅଭିଯୁକ୍ତ ୩୫ ବର୍ଷୀୟ ଫିଷ୍ଟନ୍ ନଗୟଙ୍କୁ ୬୯ତମ ଷ୍ଟ୍ରିଟ୍ ଟ୍ରାନ୍ସପୋର୍ଟ ସେଣ୍ଟରରୁ ଗିରଫ କରାଯାଇଛି। ବୁଧବାର ରାତିରେ ଏହି ବଳାତ୍କାର ଘଟିଥିଲା। ଏସ୍‌ଇପିଟିଏ କର୍ମଚାରୀ ଏନେଇ ପୋଲିସକୁ ଜଣାଇଥିଲେ। ସର୍ଭିଲାନ୍ସ ଭିଡିଓରୁ ପୋଲିସ ଘଟଣା ସମ୍ପର୍କରେ ଜାଣିବା ସହ ବଳାତ୍କାରୀଙ୍କୁ ଚିହ୍ନଟ କରିଥିଲା।


LG
Life's Good
KHUSHIYON KA CARNIVAL
ROLL OUT THE FUTURE
Introducing World's First Rollable TV
World's No.1
OLED TV Brand*
LG SIGNATURE
OLED R
OLED TV
SELF-LIT OLED
α9 Gen4 AI Processor
Dolby VISION IQ
Dolby ATMOS
NVIDIA G-SYNC
Eye Comfort Display (OLED)
ThinQ AI
Join the Festive Carnival. Bring home an LG TV with exciting offers.
OLED evo | G1
195cm (77) / 164cm (65) / 139cm (55)
Gallery Design | Self-Lit OLED | α9 Gen4 AI Processor 4K | Dolby Vision IQ | Dolby Atmos | webOS 6.0 | ThinQ AI | Game Optimizer | Eye Comfort Display | Hands-free Voice Control | Built-in Google Assistant & Amazon Alexa
Range starts: ₹239990 EMI starts: ₹2999
OLED | Z1* | C1 / C1X* | B1*
222cm (88) / 210cm (83) / 195cm (77) / 164cm (65) / 139cm (55) / 121cm (48)
Self-Lit OLED | α9 Gen4 AI Processor 4K | Dolby Vision IQ | Dolby Atmos | webOS 6.0 | ThinQ AI | Game Optimizer | Eye Comfort Display | Built-in Google Assistant & Amazon Alexa | New Magic Remote
Range starts: ₹179990 EMI starts: ₹2999
*Available models for C1X - 164cm (65), 139cm (55) and 121cm (48)
*Available models for Z1 - 222cm (88) with α9 Gen4 AI Processor 8K
*B1 Model with α7 Gen4 AI Processor
NanoCell | NANO99 | 95 | 83 | 80 | 79 | 75
217cm (86) / 189cm (75) / 164cm (65) / 139cm (55) / 126cm (50) / 108cm (43)
NanoCell™ Display | AI Brightness Control | AI Sound | Game Optimizer | webOS 6.0 | ThinQ AI | New Magic Remote | Built-in Google Assistant & Amazon Alexa
Range starts: ₹63990 EMI starts: ₹1999
UHD TV | UP80 | 77 | 75
189cm (75) / 177cm (70) / 164cm (65) / 153cm (60) / 139cm (55) / 126cm (50) / 108cm (43)
Real 4K Display | Quad Core Processor 4K | AI Brightness Control | AI Sound | Game Optimizer | webOS 6.0 | ThinQ AI | New Magic Remote | Built-in Google Assistant & Amazon Alexa
Range starts: ₹50990 EMI starts: ₹999
SPECIAL OFFER*
EXCITING OFFERS*
Win an OLED every day and prizes worth up to ₹11 crore* Offer applicable on select LG TVs
5 YEAR* ASSURANCE On purchase of select LG TVs
Up to 20%* INSTANT CASHBACK Max ₹20000* ON CREDIT / DEBIT CARDS
FREE* Soundbar worth up to ₹64990*
FIXED EMI Starting from ₹999*
TONE Free worth up to ₹29990*
1 EMI FREE*
www.hsad.co.in
Care & Delight LG Service
LG 24 x 7 CUSTOMER CARE
1800-315-9999 1800-180-9999 (Toll Free) 5757554 (Send SMS)
www.lg.com/in/support
LG WhatsApp No. 9711709999
LG Service India Mobile App Available at Google Play
www.facebook.com/lgindiapage/
www.twitter.com/LGIndia
To know more about LG, visit www.lg.com/in
For Corporate/Institutional enquiries, please write to corp.enquiries@lge.com
24x7 NOW SHOP AT LG BRAND STORE www.lgbrandstore.com/in
LG Greencycle
BAJAJ FINSERV
AMERICAN EXPRESS
SBI card
standard chartered
AXIS BANK
HDFC BANK
FESTIVE TREATS
citi Credit Cards
Bank of Baroda Credit Card
Regd. Office: LG Electronics India Pvt. Ltd., A-24/6, Mohan Cooperative Industrial Estate, Mathura Road, New Delhi-110044 CIN No. U32107DL1997PTC220109
*T&C Apply. All the offers unless mentioned are from 1st Oct to 15th Nov '21. Win an OLED every day is a Lucky Draw contest applicable at Select Outlets in All India except Tamil Nadu and Kerala or wherever expressly barred by law. ₹11 Cr. is the total/cumulative value of all gifts in program at MRP. This Offer is from 16th Oct to 15th Nov' 21. 5 Year Assurance Applicable from 15th Sep to 30th Nov '21 on all UHD, NanoCell & OLED models. This includes 1 Year standard warranty of the new product, 2 Year free of Cost promotional warranty (2nd & 3rd Year) & additional 2 Year (4th & 5th) to be bought by customer at up to 70% Discount. Up to 20% Instant Cashback is applicable with selected Credit and Debit cards on 195cm(77) & above OLED TV models (Maximum Cashback is up to ₹20000). 1 EMI Free is applicable on finance through Bajaj Finserv in specific schemes on 108cm(43) & above TVs. Finance is at the sole discretion of financer, Finance offers are by third party banks / finance company in accordance with their terms, LGEIL shall not be liable for any finance related claims / disputes/ queries in any manner what so ever. Offers may not be available on purchase from any other e-commerce websites. Free Audio Products worth up to ₹64990 on OLED G Series only. TONEFree FN7 free with OLED 55G1PTZ, 55 Nano83TPZ, 65 Nano83TPZ and 55 Nano75TPZ. This offer is applicable from 10th Oct '21 to 15th Nov '21. World's Number 1 OLED TV Brand – Source is Omdia (Research by independent third party). Unit Shipments, 2013 – 2020. Results are not endorsement of LG Electronics. Any reliance on these results is at the third-party's own risk. Logos shown in the Creative belong to respective trademark owners only. Prices Mentioned are Per Unit and Inclusive of Taxes. Images are for Representation purpose only. Features may vary as per TV Model. LG reserves the right to modify, alter, withdraw or extend the offer at any point of time without any prior notice or justification or correspondence. LG decision regarding all matters under offers shall be final and binding. By participating in offers, the customer agrees to all the above terms & Conditions and shall be treated as deemed consent under Privacy Laws. Gifts cannot be redeemed for cash at any point of time. Products are available for Purchase without offers also. The images shown here are for representation only and may differ from actual product. All disputes are to be settled / adjudicated in Delhi Courts only. Please ask the retailer/store manager for detailed offers, gifts etc. before purchase. For more information, please visit www.lg.com/in
Contact your nearest LG Authorised Dealers.